# ଶିଳ୍ପ ମହାକୁମ୍ଭ




## ଭବିଷ୍ୟତ ପିଢ଼ିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ମୁଖ୍ୟମନ୍ତ୍ରୀ



ଓଡ଼ିଶାର ଶିଳ୍ପାୟନ ଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଥିବା 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଝିଅ, ପୁଅଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ନିଜ ଅଭିଭାଷଣରେ 'ଆଇ ଡେଡିକେଟେଡ୍ ଦି ଏକ୍ସପୋ ଟୁ ଦି ସନ୍ ଆଣ୍ଡ ଡଟର୍ସ ଅଫ୍ ଓଡ଼ିଶା' କହି ରାଜ୍ୟର ଯୁବ ତଥା ଭବିଷ୍ୟତ ପିଢ଼ିଙ୍କ ଆଡ଼କୁ ସେ ଇଙ୍ଗିତ କରିଥିଲେ। ପରବର୍ତ୍ତୀ ପିଢ଼ିର ନେତୃତ୍ୱଙ୍କୁ ପ୍ରେରଣା ଦେବା ଏବଂ ପୁଞ୍ଜିନିବେଶ ମାଧ୍ୟମରେ ରାଜ୍ୟର ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କନ୍‌କ୍ଲେଭ୍ ଆୟୋଜିତ ହେଉଥିବା ବେଳେ ଓଡ଼ିଶା କିଭଳି ଏକ ନୂଆ ଦିଗ ଆଡ଼କୁ ଗତି କରୁଛି, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ସେ ଉପସ୍ଥିତ ଶିଳ୍ପପତି, ଉଦ୍ୟୋଗପତି, ରାଷ୍ଟ୍ରୀୟ ଓ ସ୍ଥାନୀୟ ଶିଳ୍ପ ମୁଖ୍ୟ ଏବଂ ସାଧାରଣ ଜନତାଙ୍କୁ 'ନୂଆ ଓଡ଼ିଶାକୁ ସ୍ୱାଗତ' ବୋଲି କହିଥିଲେ।



## ଷ୍ଟାର୍ଟଅପ୍ ଓଡ଼ିଶାର ଝଲକ

**ଭୁବନେଶ୍ୱର, ୧୧।୧୧ (ବ୍ୟୁରୋ)**

ରାଜ୍ୟରେ ଶିଳ୍ପ ଏବଂ ଉଦ୍ୟୋଗ ଶିଳ୍ପକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ନିବେଶକ ସମ୍ମିଳନୀ 'ମେକ୍ ଇନ୍ ଓଡ଼ିଶା'ରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ବଡ଼ ବଡ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ତେବେ ଏହା ମଧ୍ୟରେ ଓଡ଼ିଶାର କେତେଜଣ ଯୁବ ଉଦ୍ୟୋଗୀ ଏବଂ ନୂତନ ଭାବେ ପ୍ରତିଷ୍ଠିତ ଶିଳ୍ପସଂସ୍ଥାକୁ ଦେଖିବାକୁ ମିଳିଛି। ଷ୍ଟାର୍ଟଅପ୍ ଓଡ଼ିଶା ଅଧୀନରେ ଏଠାରେ ଓଡ଼ିଶାର ୨୦ଟି ସଫଳ ଷ୍ଟାର୍ଟଅପ୍ ସଂସ୍ଥା ନିଜର ଷ୍ଟଲ୍ ପକାଇଛନ୍ତି, ଯାହା ମଧ୍ୟରେ 'ହୋମ୍ ଅଟୋମେଶନ', 'ରୋବାଟିକ୍ସ', 'ଏଗ୍ରି ବିଜ୍‌ନେସ୍', 'ଫୁଡ୍ ପ୍ରୋସେସିଂ', 'ହ୍ୟାଣ୍ଡଲୁମ୍ ଓ ହ୍ୟାଣ୍ଡିକ୍ରାଫ୍ଟ', 'ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ', 'ମାନୁଫାକ୍ଚରିଂ', 'ଇନ୍‌ଫରମେଶନ ଟେକ୍ନୋଲୋଜି' ଭଳି ଷ୍ଟାର୍ଟଅପ୍ ସଂସ୍ଥାମାନ ରହିଛନ୍ତି। ସେହିଭଳି ଅନ୍ୟ ୨୦ଟି ଷ୍ଟଲ୍‌ରେ ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅଧୀନରେ ପଞ୍ଜୀକୃତ ୨୦ଟି ସଂସ୍ଥା ରହିଛନ୍ତି। ଏଥିରେ ରାଜ୍ୟର ବହୁ ଜଣାଶୁଣା ସଂସ୍ଥାକୁ ଦେଖିବାକୁ ମିଳୁଛି। ଷ୍ଟାର୍ଟଅପ୍ ଏବଂ ଆକାଂକ୍ଷୀ ଉଦ୍ୟୋଗୀଙ୍କ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ରାଜ୍ୟର ଏହି ଯୁବ ଉଦ୍ୟୋଗୀମାନଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ନିବେଶକ, ମେଣ୍ଟର ଓ ଉଦ୍ୟୋଗୀଙ୍କ ସହ ଆଲୋଚନା କରିବାର ସୁଯୋଗ ଦେଉଛି। ସେହିଭଳି ସମ୍ମିଳନୀରେ ହେବାକୁ ଥିବା 'ଷ୍ଟାର୍ଟଅପ୍ ଟକ୍' ସେସନରେ ଅମରେନ୍ଦ୍ର ସାହୁ, ରାହୁଲ ଦାଶ, ଶ୍ରୀକୁମାର ମିଶ୍ର, ସୁବ୍ରତ କରଙ୍କ ଭଳି ରାଜ୍ୟର ବହୁ ଜଣାଶୁଣା ଓଡ଼ିଆ ଉଦ୍ୟୋଗୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## 'ଦେଓମାଳି'ରେ ଓଡ଼ିଶାର ଚିତ୍ର

### 'କାଇନେଟିକ୍ ଇନ୍‌ଷ୍ଟାଲେଶନ' ଟେକ୍ନୋଲୋଜିରେ ନିର୍ମିତ ଥିମ୍ ପାଭିଲିୟନ୍



ଚଳିତବର୍ଷ 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌କୁ ପୂର୍ବବର୍ଷ ଅପେକ୍ଷା ଆହୁରି ବ୍ୟାପକ ଓ ବିଶାଳ ରୂପରେ ଦେଖିବାକୁ ମିଳିଛି, ଯାହାର ଝଲକ ଏହାର ଥିମ୍ ପାଭିଲିୟନ୍‌ରେ ପ୍ରତିଫଳିତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଛି 'ଦେଓମାଳି' ଓଡ଼ିଶା ଥିମ୍ ପାଭିଲିୟନ୍। ଏକ ବୃତ୍ତାକାର ଗମ୍ବୁଜ ସଦୃଶ ଏହି ପାଭିଲିୟନ୍‌ରେ ରାଜ୍ୟର ବିଭିନ୍ନ ସମ୍ଭାବନାକୁ ପ୍ରଦର୍ଶନ କରିବାର ବ୍ୟବସ୍ଥା ହୋଇଛି। ଭାରତରେ ପ୍ରଥମ ଥର ପାଇଁ ଏଭଳି ଗମ୍ବୁଜ ନିର୍ମାଣ କରାଯାଇଥିବା ବେଳେ ଉଦ୍‌ଘାଟନୀ ସମାରୋହରେ ଏଥିରେ ରାଜ୍ୟର ଫୋକସ୍ କ୍ଷେତ୍ର ଏବଂ ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ପ୍ରୋଜେକ୍ସନ ଟେକ୍ନୋଲୋଜି ମାଧ୍ୟମରେ ଦର୍ଶାଯାଇଥିଲା। 'କାଇନେଟିକ୍ ଇନ୍‌ଷ୍ଟାଲେଶନ' ଭଳି ବ୍ୟାପକ କଟିଙ୍ଗ୍-ଏଜ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇ ନିର୍ମିତ ଏହି ପାଭିଲିୟନ୍ ଦର୍ଶକଙ୍କୁ ୧୦୮ ଗୋଲକର ଭ୍ରମ ସୃଷ୍ଟି କଲା ଭଳି ଚମତ୍କାରିତା ଦେଖାଇପାରୁଛି। ସେହିଭଳି ଭର୍ଚୁଆଲ୍ ରିଅଲଟି ଟେକ୍ନୋଲୋଜି ଜରିଆରେ ଏହି ପାଭିଲିୟନ୍‌ରେ ଦର୍ଶକ ଓଡ଼ିଶାର ଭବିଷ୍ୟତର ସ୍ମାର୍ଟ ସିଟି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବାସ୍ତବତା ଭଳି ଉପଭୋଗ କରିପାରୁଛନ୍ତି।

### ପଛୁଆ ରାଜ୍ୟର ଧାରଣା ଦୂର ହେବ



ପୁଞ୍ଜିନିବେଶ ପାଇଁ ଓଡ଼ିଶାରେ ଯେଉଁଭଳି ସୁଯୋଗ ରହିଛି, ତାକୁ ପୂର୍ବରୁ ଆମେ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଦେଖାଇ ପାରୁ ନ ଥିଲୁ। 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍ ଏବେ ସେ ଅଭାବକୁ ଦୂର କରିଛି। ଏହା ଏଭଳି ଏକ ପ୍ଲାଟଫର୍ମ, ଯେଉଁଠାରେ ଶିଳ୍ପ ଜଗତର ଆଗଧାଡ଼ିର କ୍ୟାପ୍‌ଟେନ୍‌ମାନେ ଗୋଟିଏ ଛାତତଳେ ଏକାଠି ହେଉଛନ୍ତି। ମୁକେଶ ଅମ୍ବାନୀ, ଅଦାନୀ, କୁମାର ମଙ୍ଗଳମ୍ ବିର୍ଲା, ଅନିଲ ଅଗ୍ରୱାଲଙ୍କ ଭଳି ଶିଳ୍ପପତିଙ୍କ ଉପସ୍ଥିତି ନିଶ୍ଚିତ ଭାବେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟି କରିବ। ବିଭିନ୍ନ ସେକ୍ଟରରେ ଇନ୍‌ଭେଷ୍ଟମେଣ୍ଟ ହେବ। ଓଡ଼ିଶାକୁ ଯେଉଁଭଳି ପଛୁଆ ରାଜ୍ୟ ଭାବେ ଦେଖାଯାଉଥିଲା, ତାହା ଏହି କନ୍‌କ୍ଲେଭ୍ ଅନେକାଂଶରେ ଦୂର କରିପାରିବ। ପୁଞ୍ଜିନିବେଶ ହେଲେ ଜିଡିପି ବଢ଼ିବ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହାବ୍ୟତୀତ ମାଇଗ୍ରେସନ୍‌ର ସଂଖ୍ୟା ବି କମିବ।

**- ଡ. ଶାନ୍ତନୁ ରଥ, ନିର୍ଦ୍ଦେଶକ(କାର୍ମିକ), ଓଡ଼ିଶା ମାଇନିଙ୍ଗ୍ କର୍ପୋରେଶନ**

### ଯୋଜନା କାର୍ଯ୍ୟାନ୍ୱୟନ ଜରୁରୀ



ମେକ୍ ଇନ୍ ଓଡିଶା ଭଳି କାର୍ଯ୍ୟକ୍ରମ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ରାଜ୍ୟରେ ଶିଳ୍ପ ବାତାବରଣରେ ଉନ୍ନତି ଆଣିବା ଲାଗି ବିଭିନ୍ନ ନୀତିକୁ ଠିକ୍ ଭାବେ କାର୍ଯ୍ୟ କରାଇବା ଜରୁରୀ। ଯୋଜନାଗୁଡିକ କାର୍ଯ୍ୟକାରୀ କରାଇବାକୁ କାର୍ଯ୍ୟାନ୍ୱୟନ ଅଧିକାରୀ ତଥା ଇମ୍ପ୍ଲିମେଣ୍ଟିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ଶିଳ୍ପଗୁଡିକୁ ସୁହାଇଲା ଭଳି ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟ କରିଲେ ଉକ୍ତ କ୍ଷେତ୍ରରେ ଆହୁରି ସୁଧାର ଆସି ପାରିବ।

**- ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସମେ**

### ସମ୍ଭାବନା ପ୍ରଦର୍ଶନର ମାଧ୍ୟମ



ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଅନେକ ସୁଯୋଗ ରହିଛି। ଏହି କ୍ଷେତ୍ରରେ ରହିଥିବା ସମ୍ଭାବନାକୁ ଶିଳ୍ପଗୁଡିକ ଜାଣିବା ଲାଗି ମେକ୍ ଇନ୍ ଓଡିଶା ଭଳି ଏକ ପ୍ଲାଟଫର୍ମ ବିଶେଷ ଭାବେ ସହାୟକ ହେଉଛି।

**- ପ୍ରଶାନ୍ତ କୁମାର ହୋତା, ଗ୍ରୁପ ଇଭିପି, ଜେଏସ୍‌ପିଏଲ୍**





## ଟେକ୍‌ସ୍ୟାଭି କନ୍‌କ୍ଲେଭ୍

କେଉଁଠି ଭର୍ଚୁଆଲ୍ ରିୟଲଟି ତ କେଉଁଠି ଅଗ୍‌ମେଣ୍ଟେଡ୍ ରିୟଲଟି। ସବୁ କାମରେ ବ୍ୟବହାର ହେଉଛି ଅତ୍ୟାଧୁନିକ ଟେକ୍ନୋଲୋଜି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମଥର ପାଇଁ ଆୟୋଜିତ ହୋଇଛି ଏକ ଟେକ୍‌ସ୍ୟାଭି କନ୍‌କ୍ଲେଭ୍, ଯାହାକି ଭାରତରେ ବିରଳ କହିଲେ ଚଳେ। 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ର କୌଣସି ଷ୍ଟଲ୍‌ରେ ପେପର୍‌ର ବ୍ୟବହାର ଦେଖିବାକୁ ମିଳୁଛି। ସବୁକିଛି କାମ ଟଚ୍‌ସ୍କ୍ରିନ୍‌ରେ ହେଉଛି। ସେହିଭଳି କମ୍ପାନୀ ଏବଂ ଶିଳ୍ପସଂସ୍ଥାଗୁଡ଼ିକ ନିଜ ପ୍ରଡକ୍ଟ ଓ ସର୍ଭିସ୍‌କୁ ପ୍ରଦର୍ଶନ କରିବାକୁ ଭର୍ଚୁଆଲ୍ ରିୟଲଟି ପ୍ଲାଟଫର୍ମ, ଅଗ୍‌ମେଣ୍ଟେଡ୍ ରିୟଲଟି, କ୍ୟୁଆର୍ କୋଡ୍ ଏବଂ ବଡ଼ ବଡ଼ ଟଚ୍‌ସ୍କ୍ରିନ୍ ମନିଟର୍ ଭଳି ଆଡ୍‌ଭାନ୍ସ ଟେକ୍ନୋଲୋଜିର ବ୍ୟବହାର କରିଛନ୍ତି, ଯାହାକି ଏକ ନୂଆ ଓଡ଼ିଶା ଓ ପ୍ରଗତିଶୀଳ ଓଡ଼ିଶାର ବାର୍ତ୍ତା ଦେଇଛି। ସେହିଭଳି ଓଡ଼ିଶାକୁ ଯେଉଁଭଳି ଏକ ଗରିବ ଓ ପଛୁଆ ରାଜ୍ୟ ଭାବେ ପ୍ରତିଫଳନ କରାଯାଉଥିଲା, ତାହାର ସମ୍ପୂର୍ଣ୍ଣ ବିପରୀତ ଏଠାରେ ଦେଖିବାକୁ ମିଳିଛି।

**ରିପୋର୍ଟ:** ସସ୍ମିତା ପାଇକରାୟ, ସତ୍ୟାନନ୍ଦ ନାୟକ (**ଫଟୋ:** ବିକାଶ ନାୟକ)

## 'ଅନ୍‌ଷ୍ଟପେବୁଲ୍ ଆଇ ଆମ୍ ଓଡ଼ିଶା'













**ଭୁବନେଶ୍ୱର, ୧୧।୧୧ (ବ୍ୟୁରୋ)**

'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ର ଉଦ୍‌ଘାଟନୀ ସମାରୋହର ପ୍ରମୁଖ ଆକର୍ଷଣ ରହିଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ନୃତ୍ୟ ମାଧ୍ୟମରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ, କଳା, ଇତିହାସ, ଶିଳ୍ପ, ପର୍ଯ୍ୟଟନ, ବନ୍ୟଜନ୍ତୁ, ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପସ୍ଥାପନ କରାଯାଇଥିଲା। ଦୀର୍ଘ ୩୦ ହଜାର ଘଣ୍ଟାର ଅଭ୍ୟାସ ଓ ଅକ୍ଳାନ୍ତ ପରିଶ୍ରମ ପରେ ୨୦୦ କଳାକାର ଏହାକୁ ମଞ୍ଚରେ ଉପସ୍ଥାପନ କରିଥିଲେ। ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ନିର୍ଦ୍ଦେଶନାରେ 'ଅନ୍‌ଷ୍ଟପେବୁଲ୍ ଆଇ ଆମ୍ ଓଡ଼ିଶା' ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ହୋଇଥିଲା। ଏଥିରେ ଓଡ଼ିଶୀ ସହ ମାର୍ଶାଲ ଆର୍ଟ, ଏରିଅଲ୍ ଆର୍ଟ, ସମ୍ବଲପୁରୀ ନୃତ୍ୟ ଭଳି ପାରମ୍ପରିକ ଓ ଆଧୁନିକ ନୃତ୍ୟଶୈଳୀର ଫେଣ୍ଟାଫେଣ୍ଟି ଝଲକ ଦେଖିବାକୁ ମିଳିଥିଲା। ୫୦ଜଣ ଟେକ୍ନିସିଆନ୍‌ଙ୍କ ସହ ଜନାର୍ଦ୍ଦନ ରାଜ, ମହମ୍ମଦ ସଇଫୁଲ୍ ହକ୍‌ଙ୍କ ଭଳି ରାଜ୍ୟର ବହୁ ଜଣାଶୁଣା ନୃତ୍ୟଶିଳ୍ପୀଙ୍କ ନେତୃତ୍ୱରେ ଏହା ସଫଳ ରୂପ ନେଇଥିଲା। ସେହିଭଳି ନୃତ୍ୟ ମାଧ୍ୟମରେ ଓଡ଼ିଶାର ଶିଳ୍ପ ଓ ଉଦ୍ୟୋଗ କ୍ଷେତ୍ରରେ ରହିଥିବା ସୁଯୋଗକୁ ଏଥିରେ ଦର୍ଶାଯାଇଥିଲା। ଖାଦ୍ୟ ପ୍ରକ୍ରିୟାକରଣରୁ ଆରମ୍ଭ କରି ରାଜ୍ୟର ଉତ୍କୃଷ୍ଟ ଖଣିଜ ସମ୍ପଦ, ପର୍ଯ୍ୟଟନ କ୍ଷେତ୍ରରେ ଥିବା ବିପୁଳ ସୁଯୋଗ, ହସ୍ତତନ୍ତ ଓ ବୟନଶିଳ୍ପ, ପ୍ରଯୁକ୍ତିବିଦ୍ୟା, କୃଷି ଓ ଦକ୍ଷତା ବିକାଶ ଆଦିକୁ ନିଆରା ଭାବେ ଉପସ୍ଥାପନ କରାଯାଇଥିଲା। ଚିଙ୍ଗୁଡ଼ି, ଅଲିଭ୍ ରିଡ୍‌ଲେ କଇଁଛ ବେଶରେ ଶିଳ୍ପୀମାନଙ୍କ ନୃତ୍ୟ ପରିବେଷଣ ପ୍ରମୁଖ ଆକର୍ଷଣ ସାଜିଥିବା ବେଳେ କ୍ରେନ୍ ମାଧ୍ୟମରେ ପ୍ରସ୍ତୁତ ଏରିଅଲ୍ ଆକ୍ଟ ଆକାଶରେ ଉଡ଼ି ନାଚିବାର ଭ୍ରମ ସୃଷ୍ଟି କରିଥିଲା। ଓଡ଼ିଶାର ହସ୍ତତନ୍ତ ଓ ବୟନ କଳାର ପ୍ରାଚୁର୍ଯ୍ୟ ଏବଂ 'ସ୍କିଲ୍‌ଡ ଇନ୍ ଓଡ଼ିଶା'ର କାହାଣୀକୁ ନେଇ ପରିବେଷିତ ଏରିଅଲ୍ ଆକ୍ଟ ଦର୍ଶକଙ୍କୁ ଏକ ଭିନ୍ନ ଅନୁଭୂତି ଦେଇଥିଲା। ଏହାବ୍ୟତୀତ ଓଡ଼ିଶାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌କୁ ଶିଳ୍ପୀମାନେ ମଞ୍ଚରେ ହକି ଖେଳି ପ୍ରଦର୍ଶନ କରିଥିଲେ। ନୂଆ ଦୁନିଆରେ ନୂଆ କଳିଙ୍ଗର ସ୍ୱପ୍ନକୁ ନେଇ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଶ୍ କିଛି ସମୟ ଧରି ଉପଭୋଗ କରିଥିଲେ। ସେହିଭଳି ରାଜ୍ୟ ଏବଂ ଦେଶ ବାହାରୁ ଆସିଥିବା ପ୍ରତିନିଧିମାନେ ଏହା ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି ଓ ପୁଞ୍ଜିନିବେଶ କ୍ଷେତ୍ରରେ ରହିଥିବା ସୁଯୋଗ ସମ୍ପର୍କରେ ଅବଗତ ହୋଇଥିଲେ। ଅଗ୍ନିମିତ୍ର ବେହେରା ଓ ପ୍ରବୀନ ଡି. ରାଓଙ୍କ ସଙ୍ଗୀତ ସଂଯୋଜନାରେ ଏହି ସାଂସ୍କୃତିକ ପ୍ରଦର୍ଶନ ସମସ୍ତଙ୍କୁ ଆକର୍ଷିତ କରିଥିଲା।





ମିତବ୍ୟୟିତା ମନୁଷ୍ୟର ଏକ ମହତ ଗୁଣ, ଏହା ମନୁଷ୍ୟକୁ ସତ୍ୟବାଦୀ ଓ ନିର୍ଭୀକ ହେବା ନିମନ୍ତେ ବରାବର ସାହାଯ୍ୟ କରିଥାଏ।

–ଇନ୍ଦିରା ଗାନ୍ଧୀ



## ସଂକ୍ଷେପରେ

### ୪୦ହଜାର ଲୁଟ୍

କଟକରୋଡ୍, ୧୧।୧୧(ଡି.ଏନ୍.ଏ.): ରବିବାର ଜଣେ ଟ୍ରେନଯାତ୍ରୀଙ୍କଠାରୁ ନିଶା ଦେଇ ୪୦ହଜାର ଟଙ୍କା ଲୁଟ ହୋଇଛି। ସେ ହେଲେ ଯାଜପୁର ଜିଲା ହଳଦୀବସନ୍ତ ଗ୍ରାମର ଅଜୟ କୁମାର ଜେନା(୪୪)। ଅଜୟ ବେଙ୍ଗାଲୁରୁରେ ଥିବା ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଗ୍ରାମକୁ ଯିବା ପାଇଁ ସେ ବେଙ୍ଗାଲୁରୁରୁ କୋଣାର୍କ ଏକ୍ସପ୍ରେସ ଯୋଗେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଷ୍ଟେଶନରୁ ବାହାରିବା ବେଳେ ୨ ଯୁବକ ବାଇକ୍‌ରେ ଆସି ତାଙ୍କୁ ବସଷ୍ଟାଣ୍ଡରେ ଛାଡି ଦେବେ କହିଥିଲେ। ସେଠାରେ ଚା ପିଇ ବାହାରିବା କହି ଅଜୟଙ୍କ ଚା’ରେ ନିଶାଦେଇଥିଲେ। କିଛିବାଟ ଯିବା ପରେ ଅଜୟଙ୍କୁ ନିଶା ହୋଇଯିବାରୁ ଟଙ୍କା, ମୋବାଇଲ ନେଇ ବଡ଼ଗଡ଼ କେନାଲ ରୋଡରେ ତାଙ୍କୁ ଫିଙ୍ଗିଦେଇ ଥିଲେ। ବଡ଼ଗଡ଼ ଥାନା ପିସିଆର ଭ୍ୟାନ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

### ଧରାପଡ଼ିଲେ ୩ ଲୁଟେରା

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ): ବରମୁଣ୍ଡା ଓଭରବ୍ରିଜ୍ ଉପରେ ଲୁଟ କରିବା ସମୟରେ ଧରା ପଡିଛନ୍ତି ୩ ଲୁଟେରା। ସେମାନଙ୍କୁ ଖଣ୍ଡଗିରି ପୋଲିସ କାବୁ କରି ଥାନାରେ ଅଟକ ରଖିଛି। ସେମାନଙ୍କ ନିକଟରୁ ପୋଲିସ ୩ଟି ସୁନାଚେନ୍ ଓ ବାଇକ ଜବତ ହୋଇଛି। ରବିବାର ରାତି ପ୍ରାୟ ୮ଟାରେ ବରମୁଣ୍ଡା ଓଭରବ୍ରିଜ୍ ଉପରେ ଏକ ଦମ୍ପତି ବାଇକ୍‌ରେ ସିଆରପିରୁ ଖଣ୍ଡଗିରି ଅଭିମୁଖେ ଯାଉଥିଲେ। ଏହି ସମୟରେ ମୁହଁରେ କନା ବାନ୍ଧି ବାଇକ୍‌ରେ ଆସି ଅଭିଯୁକ୍ତମାନେ ଦମ୍ପତିଙ୍କୁ ଅଟକାଇଥିଲେ। ପରେ ସେମାନଙ୍କୁ ମାରଣାସ୍ତ୍ର ଦେଖାଇ ସୁନା ଚେନ୍ ଓ ଅନ୍ୟ ସାମଗ୍ରୀ ଲୁଟପାଟ କରିଥିଲେ। ହେଲେ ଫେରାର ହେବା ବେଳେ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ପହଞ୍ଚି ସେମାନଙ୍କୁ କାବୁ କରିଥିଲା।

### ରଙ୍ଗମାଟିଆ ବରିଷ୍ଠ ନାଗରିକ ମଞ୍ଚ ପଞ୍ଜୀକୃତ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ): ରଙ୍ଗମାଟିଆ ବରିଷ୍ଠ ନାଗରିକ ମଞ୍ଚ ଓଡ଼ିଶା ସରକାରଙ୍କ ସୋସାଇଟି ଆକ୍ଟ ୧୮୬୦ ଅନୁସାରେ ଗତ ୯ତାରିଖରେ ପଞ୍ଜୀକୃତ ହୋଇ ସ୍ୱିକୃତୀ ଲାଭ କରିଛି। ଏଥିରେ ୪୫ ବରିଷ୍ଠ ସଦସ୍ୟଙ୍କୁ ନେଇ ଗତ ୨୦୧୭ରୁ ବିଭିନ୍ନ ସାମାଜିକ ଓ ସଚେତନ କାର୍ଯ୍ୟକ୍ରମ କରିଆସୁଛି। ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାଣ ଜେନା ମଞ୍ଚକୁ ସମସ୍ତ ପ୍ରକାର ସବୁଧା ସୁଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମଞ୍ଚ ପକ୍ଷରୁ ରବିବାର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚ ସଭାପତି ଭ୍ରମରବର ମହାନ୍ତି, ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ସହସମ୍ପାଦକ ଟୁନା ମହାନ୍ତି, ଉପସଭାପତି ରାଧାକାନ୍ତ ଦାସ, କୋଷାଧ୍ୟକ୍ଷ ନୃସିଂହ ଚରଣ ସାହୁଙ୍କ ଉପସ୍ଥିତିରେ ବିଧାୟକ, ମେୟର, କର୍ପୋରେଟର, ଖୋର୍ଦ୍ଧା ଜିଲାପାଳ, ଭୁବନେଶ୍ୱର ବିଡିଓଙ୍କୁ ଧନ୍ୟବାଦ ଜଣାଯାଇଛି।

### ଦୋକାନ ଆଜବେଷ୍ଟସ ତାଡି ସାମଗ୍ରୀ ଲୁଟ୍

ପାତ୍ରପଡା, ୧୧।୧୧(ଡି.ଏନ.ଏ): ତମାଣ୍ଡୋ ବଜାରର ଏକ ଭେରାଇଟି ଷ୍ଟୋରର ଆଜବେଷ୍ଟସ ଭାଙ୍ଗି ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ଥାନାରେ ରବିବାର ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିଛି। ତମାଣ୍ଡୋ ବଜାରରେ ଅନିରୁଦ୍ଧ ସାହୁଙ୍କ ଭେରାଇଟି ଷ୍ଟୋର ରହିଛି। ପ୍ରତିଦିନ ଭଳି ଶନିବାର ରାତି ୧୦ଟାରେ ବ୍ୟବସାୟ ସାରି ଦୋକାନ ଶଟର ଲକ୍ କରି ଘରକୁ ଯାଇଥିଲେ। ରବିବାର ସକାଳୁ ଦୋକାନ ଶଟର ଖୋଲି ଦେଖିବାକୁ ପାଇଥିଲେ ବିଭିନ୍ନ ସାମଗ୍ରୀ ଏଣେତେଣେ ପଡିଥିବାବେଳେ ଆଜବେଷ୍ଟସ ଓ ସିଲିଂ ଭଙ୍ଗା ଯାଇଛି। ପୋଲିସ ଏ ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଶଟର ତାଡ଼ି ଲୁଟିନେଲେ ୩୫ ଦାମୀ ମୋବାଇଲ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

**ସିସି କ୍ୟାମେରାରେ ଲୁଟ୍‌ର ଦୃଶ୍ୟ**




ନୟାପଲ୍ଲୀ ଥାନା ଆଇଆରସି ଭିଲେଜରେ ଥିବା ମୋବାଇଲ ଜୋନ୍ ନାମକ ଏକ ଦୋକାନରୁ ଦୁର୍ବୃତ୍ତମାନେ ୩୫ଟି ଦାମୀ ମୋବାଇଲ୍ ଫୋନ ଲୁଟି ନେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ଲୁଟ୍‌ର ଦୃଶ୍ୟ କଏଦ ହୋଇଛି। ପୋଲିସ ଉକ୍ତ ଫୁଟେଜ ଆଧାରରେ ଲୁଟେରାଙ୍କୁ ଚିହ୍ନଟ କରିଥିବା କହିଛି। ଦୋକାନରୁ ଲୁଟେରାମାନେ ମୋବାଇଲ ସମେତ ନଗଦ ୧୦ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ନେଇଯାଇଛନ୍ତି। ଲୁଟ ସାମଗ୍ରୀର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଦୋକାନୀ ବିଶ୍ୱରଞ୍ଜନ କହିଛନ୍ତି। ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିବା ଦୃଶ୍ୟ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧ଟା୫୦ରେ ୩ ଯୁବକ ବାଇକ୍‌ରେ ଆସି ଦୋକାନ ନିକଟରେ ଓହ୍ଲାଇଥିଲେ। କାହାର ଯେପରି ସନ୍ଦେହ ନ ହେବ ସେଥିଲାଗି ସେମାନେ ଦୋକାନ ଆଗରେ ପରିସ୍ରା କରିଥିଲେ। ରାତି ପ୍ରାୟ ୧ଟା ୫୮ରେ ସେମାନେ ଦୋକାନ ଶଟର ତାଡ଼ି ଭିତରକୁ ପଶିଥିଲେ। ଦୋକାନରେ ପଶିବା ପରେ ମାଲିକ ଭଳି ଲାଇଟ୍ ଜଳାଇ ଚେୟାରରେ ବସିଥିଲେ। ପରେ ମୋବାଇଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛୁ। ସିସିଟିଭି ଫୁଟେଜରୁ ଲୁଟେରାଙ୍କୁ ଚିହ୍ନଟ କରିଛୁ। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ।



ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ଓ ନାଲ୍‌କୋ ନଗର ମନ୍ଦିର କମିଟି ପକ୍ଷରୁ ଭୁବନେଶ୍ୱର ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ଚାଲିଥିବା ଶ୍ରୀଜଗନ୍ନାଥଙ୍କ ରଘୁନାଥ ବେଶ ମହୋତ୍ସବର ରବିବାର ଉଦ୍‌ଯାପନ ଅବସରରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

## ବିଜ୍ଞାନ ମେଳାରେ ୪୬୫ଟି ପ୍ରକଳ୍ପ

ପୁରୁଣା ଭୁବନେଶ୍ୱର, ୧୧।୧୧(ଡି.ଏନ.ଏ.)

ସ୍ଥାନୀୟ ସାମନ୍ତରାପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୪୬୫ଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା। ସ୍ମାର୍ଟ ସିଟି, ଗ୍ଲୋବାଲ ୱାର୍ମି, ମେଟ୍ରୋ ସିଟିରେ ଟ୍ରାନ୍ସପୋର୍ଟ ମ୍ୟାନେଜମେଣ୍ଟ, ବର୍ଷା ଜଳ ସଂରକ୍ଷଣ, ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଭଳି ପ୍ରକଳ୍ପମାନ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାଭିୟର ଗ୍ରୁପର ଚେୟାରମ୍ୟାନ ପ୍ରଭାତ କୁମାର ମିଶ୍ର, ଅଷ୍ଟୋନୀ ହାରୀ, କିର୍ତ୍ତୀଶ୍ରୀ ଆରଲାଣ୍ଡ, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ପ୍ରକଳ୍ପଗୁଡିକୁ ଭୂୟସୀ ପ୍ରଶଂସା କରିଥିଲେ। ସ୍କୁଲର ନିର୍ଦ୍ଦେଶକ ଅଜିତ କୁମାର ଦାଶ, ଅଧକ୍ଷା ଶ୍ରୀଲେଖା ଆରଲାଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୫ ପ୍ରତିଭାଙ୍କୁ କୋଣାର୍କ ଓଡ଼ିଶା ସମ୍ମାନ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

କୋଣାର୍କ ଓଡ଼ିଶା ପରିବାରର ବାର୍ଷିକ ବନ୍ଧୁମିଳନ ଓ ସାହିତ୍ୟ ଉତ୍ସବ ସହିତ ସମ୍ବର୍ଦ୍ଧନା ସଭା ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କପିଳେଶ୍ୱର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆୟକର ଆୟୁକ୍ତ ଶରତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଡ. ହୁସେନ ରବି ଗାନ୍ଧୀ, କବି ଶଙ୍କର୍ଷଣ ପରିଡ଼ା ଏବଂ ମୁଖ୍ୟବକ୍ତା ଭାବେ କବି ଓ କଥାକାର ଡ. ଅଜୟ ସ୍ୱାଇଁ ଯୋଗଦେଇ ସମକାଳୀନ ସାହିତ୍ୟରେ ସାଧାରଣ ଜୀବନଚର୍ଯ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର ‘ସୃଜନର ସୈକତ’ ଉନ୍ମୋଚନ ହୋଇଥିଲା। କୋଣାର୍କ ଓଡ଼ିଶା ପରିବାରର ସମ୍ପାଦକ ବିଚିତ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, କବି ଉମାକାନ୍ତ ମହାପାତ୍ର, କବି ପ୍ରଫୁଲ୍ଲ ଚକ୍ର, କବି ସୁବାସ କର, କବୟିତ୍ରୀ ନିରୁପମା ଉଦ୍‌ଗାତା ପ୍ରମୁଖ ୫ ପ୍ରତିଭାଙ୍କୁ ‘କୋଣାର୍କ ଓଡ଼ିଶା ସମ୍ମାନ–୨୦୧୮’ରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶ୍ୱବାସୀ ସମସ୍ତଙ୍କୁ ଏକ ପରିବାର ଭାବିବା ଉଚିତ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

**ଓଡିଏମ୍‌ମୁନ୍ ଉଦ୍‌ଯାପିତ**

ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ ଓଡିଏମ୍ ମଡେଲ୍ ୟୁନାଇଟେଡ୍ ନେସନ୍ସ(ଓଡିଏମ୍‌ମୁନ୍)–୨୦୧୮ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୧୪୭ ଦେଶକୁ ପ୍ରତିନିଧିତ୍ୱ କରିଥିଲେ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାରା ବିଶ୍ୱର ଲୋକ ଅନୁଭବ କରିବା ଉଚିତ ଯେ, ଆମେ ସମସ୍ତେ ଏକ ପରିବାର ଓ ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ନିର୍ଭରଶୀଳ। ତେଣୁ ଏହି କ୍ରାନ୍ତିକାରୀ ପଦକ୍ଷେପ ମାଧ୍ୟମରେ ବିଶ୍ୱର ସମସ୍ତ ସମସ୍ୟା ଦୂରୀଭୂତ କରାଯାଇପାରିବ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପି. କେ. ଦାସ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ ଅତିଥି ପରିଚୟ ଦେଇଥିବା ବେଳେ ନିର୍ଦ୍ଦେଶିକା ଇନ୍ଦୁମତି ରାୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏ.ଟି. ମିଶ୍ର, ଯୁଗଳ କିଶୋର ମହାନ୍ତି, ଉପନିର୍ଦ୍ଦେଶକ ସ୍ୱୟଂ ସତ୍ୟେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷା ଝିନୁକ୍ ଦତ୍ତାରାୟ ଏବଂ ମୁଖ୍ୟ ସଂଯୋଜିକା ଲକ୍ଷ୍ମୀବତି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବିଶ୍ୱବିନିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ହୀରକ ଜୟନ୍ତୀ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ବାଲକାଟୀ,୧୧।୧୧(ଡି.ଏନ୍.ଏ.)

୬୦ବର୍ଷ ଉପଲକ୍ଷେ ବାଲକାଟୀ ସ୍ଥିତ ପ୍ରତାପଶାସନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ୨ଦିନଧରି ଚାଲିଥିବା ହୀରକ ଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସଂସଦର ସଭାପତି ଡା. ବନମାଳୀ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ଆଇଏଏସ ମାହାଲ ନିର୍ଦ୍ଦେଶକ ଅତିରିକ୍ତ ଶାସନ ସଚିବ ତଥା ସ୍କୁଲର ପୁରାତନ ଛାତ୍ର ହେମନ୍ତ କୁମାର ପାଢୀ, ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ, ପ୍ରଫେସର ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାବିତ ଧ୍ରୁବଚରଣ ପଟ୍ଟନାୟକ, ବିଧାୟକ ଡ.ରଜନୀ ରଞ୍ଜନ ଦାଶ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ହାଡିବନ୍ଧୁ ମହାରଣା, ପ୍ରଭାସିନୀ ମହାପାତ୍ର, ସତ୍ୟଭାମା ଦେଇ, ଗୋବିନ୍ଦ ଚନ୍ଦ୍ର ବେହେରା, ଡ.ଭାଗ୍ୟଧର ମହାନ୍ତି, ପ୍ରଫେସର ଯତୀନ ନାୟକ, ପ୍ରଫେସର ପ୍ରଫୁଲ୍ଲ କୁମାର ସାହୁ, ପ୍ରଫେସର ପ୍ରହ୍ଲାଦ ମହାନ୍ତି, ପ୍ରଫେସର ରାମ ଦାଶ, ଅଧ୍ୟାପକ ରଜନୀରଞ୍ଜନ, ହେମନ୍ତ ପାଢୀ, ବିଧୂଭୂଷଣ ପଟ୍ଟନାୟକ ଓ ନିର୍ମାଣର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି, ଅଜୟ କୁମାର ଦାଶ, ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପାଇକ ଏକାଡେମୀ ପ୍ରତିଷ୍ଠା ଦାବି

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ରାଜଧାନୀରେ ପାଇକ ଏକାଡେମୀ ପ୍ରତିଷ୍ଠା ପାଇଁ ଦାବି କରିଛି ପାଇକ ମହାସଂଘ। ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲ୍‌ଟାସିଂହ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି ଯେ, ଇତିହାସକୁ ତର୍ଜମା କଲେ କଳିଙ୍ଗ ଯୁଦ୍ଧଠାରୁ ଆରମ୍ଭ କରି ଗଜପତିଙ୍କ କାଞ୍ଚି ଅଭିଯାନ ଅବା ବ୍ରିଟିଶ୍ ସରକାର ବିରୋଧରେ ‘କର ବା ମର’ ନୀତିର ଡାକରା ଦେବା, ସବୁଥିରେ ଓଡ଼ିଆ ପାଇକଙ୍କ ବୀରତ୍ୱର ଗାଥା ବର୍ଣ୍ଣନୀୟ। ସେହି ବୀରତ୍ୱର ନିଦର୍ଶନ ହେଉଛି ଓଡ଼ିଶାର ପାଇକ ବିଦ୍ରୋହ, ଯାହା ସାରା ଭାରତ ବର୍ଷରେ ବ୍ରିଟିଶ ସରକାରଙ୍କ ବିରୋଧରେ ପ୍ରଥମ ବିଦ୍ରୋହ ଭାବରେ ସ୍ଥାନ ପାଇଛି। ଓଡ଼ିଶା ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ପାଇକ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଯେଉଁ ‘ପାଇକ ଆଖଡ଼ା’ ପାଇଁ ଆଜି ପାଇକମାନେ ଚିରବନ୍ଦନୀୟ, ସେହି ପାଇକ ଆଖଡ଼ା ଆଜି ଲୁପ୍ତ ହେବାକୁ ବସିଲାଣି। ଏଥିପାଇଁ କାହାର ଦୃଷ୍ଟି ନାହିଁ। ଯଦି ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନିଅନ୍ତି, ତେବେ ପାଇକ ମହାସଂଘ ପ୍ରତିବାଦର ସ୍ୱର ଶାଣିତ କରିବ ବୋଲି ସାଧାରଣ ସମ୍ପାଦକ ରମେଶ ସାମଲ, ଉପସଭାପତି ଭୀମସେନ ପାଇକରାୟ, ଉପଦେଷ୍ଟା ପ୍ରଫେସର ଗାୟନ ସାମଲ ଚେତାବନୀ ଦେଇଛନ୍ତି।

## ଈଶ୍ୱର, ସଂସାର ପରସ୍ପର ପରିପୂରକ

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ଶରୀର ରୂପକ ସଂସାରରେ ଈଶ୍ୱର ହିଁ ଏକମାତ୍ର ସାର। ଈଶ୍ୱରଙ୍କ ବିନା ସଂସାର ଅସାର। ଏଣୁ ଈଶ୍ୱର ଆଉ ସଂସାର ଉଭୟ ଉଭୟଙ୍କ ପରିପୂରକ। ମଣିଷ ସମାଜ ଆଜି ଭୋଗବିଳାସ, ପ୍ରାଚୁର୍ଯ୍ୟ ଆଉ ଐଶ୍ୱର୍ଯ୍ୟରେ ବୁଡ଼ି ରହିଛି। ଧନସମ୍ପତ୍ତି, କ୍ଷମତା ମୋହରେ ବାୟା। ହେଲେ ଏ ସବୁର କିଛି ମୂଲ୍ୟ ନାହିଁ। ଆମକୁ ପ୍ରତି ମୁହୂର୍ତ୍ତରେ ଈଶ୍ୱରୀୟ ସତ୍ତାକୁ ହିଁ ଅନୁଭବ କରିବାକୁ ପଡ଼ିବ ବୋଲି ବରିଷ୍ଠ ସାଧୁ ଅନ୍ତର୍ଯ୍ୟାମୀ ଦାସ କହିଛନ୍ତି। ସୁନ୍ଦରପଦାସ୍ଥିତ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦ ଆଶ୍ରମର ୭ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ନାମଯଜ୍ଞରେ ଯୋଗଦେଇ ସେ ଏହା କହିଛନ୍ତି। ଶୁକ୍ରବାରଠାରୁ ୩ ଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଠାକୁର ଅଭିରାମ ପରମହଂସଙ୍କ ଷୋଡ଼ଶ ଉପଚାର ପରେ ସାଧୁସନ୍ଥମାନେ ମଣିଷ ଜୀବନର ସାର୍ଥକତା ନେଇ ପ୍ରବଚନ ଦେଇଥିଲେ। ମାହାଙ୍ଗାର ପ୍ରଭାତି ସ୍ୱାଇଁ ଅଭିରାମ ପରମହଂସ ଦେବଙ୍କ ଉପରେ ପାଲା ପରିବେଷଣ କରିଥିଲେ। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ଅନନ୍ତ ନାରାୟଣ ଜେନା, କର୍ପୋରେଟର ଦେବୀ ପ୍ରସାଦ ନନ୍ଦ, ରଶ୍ମି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍

## ଚାଳକ ମୃତ, ୨ ଗୁରୁତର

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ଖଣ୍ଡଗିରି ଥାନା କୋଳଥିଆ ଛକ ନିକଟରେ ରବିବାର ରାତି ପ୍ରାୟ ୧୦ଟାରେ ଏକ ବାଇକ୍ ଗୋଟିଏ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ ଲିପୁ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିବାବେଳେ ବାଇକ୍‌ରେ ବସିଥିବା ଶରତ ପଟେଲ ଓ ଫତେଗଡର ଚନ୍ଦନ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଲିପୁ ବାଇକ୍ ଚଳାଉଥିଲେ। ପଛରେ ଶରତ ଏବଂ ଚନ୍ଦନ ବସିଥିଲେ। ଦ୍ରୁତଗତିରେ ବାଇକ୍‌ଟି ଆସୁଥିବାବେଳେ କୋଳଥିଆ ଛକରେ ରାସ୍ତାପାର୍ଶ୍ୱସ୍ଥ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ୩ଜଣ ପଡିଥିବା ବେଳେ ତାଙ୍କୁ ପିସିଆର ଭ୍ୟାନ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଲିପୁଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତାଙ୍କ ମୃତଦେହକୁ ମର୍ଗରେ ରଖିଛି। ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

## ସିଂଘି ଲାଇବ୍ରେରି ଓ ମ୍ୟୁଜିୟମ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

■ ରହିଛି ଦେଶବିଦେଶର ୩୦ ହଜାର ପୁସ୍ତକ, ୨୭୫ ଦେଶର ମୁଦ୍ରା

ରାଜଧାନୀର ଛାତ୍ରୀଛାତ୍ର ଓ ବାସିନ୍ଦାଙ୍କ ଶିକ୍ଷାର ପ୍ରସାର ନିମନ୍ତେ ସିଂଘି ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ କଳ୍ପନା ଛକ ନିକଟରେ ଏକ ଲାଇବ୍ରେରି ଓ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇଛି। ଶୀତତାପ ନିୟନ୍ତ୍ରିତ ଦୁଇ ମହଲା ବିଶିଷ୍ଟ ଏହି ‘ସିଂଘି ଲାଇବ୍ରେରୀ ଓ ମ୍ୟୁଜିୟମ’କୁ ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଭୁବନେଶ୍ୱରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ରାଜ୍ୟପାଳ ନିଜେ ସଂଗ୍ରହ କରିଥିବା ୨୦୦ ମୂଲ୍ୟବାନ ପୁସ୍ତକ ଲାଇବ୍ରେରିକୁ ପ୍ରଦାନ କରିଛନ୍ତି। ଲାଇବ୍ରେରିରେ ଦେଶ ଓ ବିଦେଶର ୩୦୦୦୦ରୁ ଅଧିକ ମୂଲ୍ୟବାନ ବହି ସଂଗୃହୀତ ହୋଇ ରହିଛି। ମୁଖ୍ୟତଃ କଳା, ସ୍ଥାପତ୍ୟ, ସାହିତ୍ୟ, ରାଜନୀତି, ବିଜ୍ଞାନ, କୃଷି, ଧର୍ମ, ସଂସ୍କୃତି, ବାଣିଜ୍ୟ, ଜୀବନୀ, ଯୋଗ, ଆତ୍ମକଥା, ଇତିହାସ, ଅର୍ଥନୀତି, ଭୂଗୋଳ, ଖେଳ କସରତ, ହିନ୍ଦୀ ଓ ଇଂଲିଶ ଉପନ୍ୟାସ ଇତ୍ୟାଦିର ଯଥେଷ୍ଟ ସଂଗ୍ରହ ରହିଛି। ଟ୍ରଷ୍ଟର ଚେୟାରମ୍ୟାନ ପ୍ରତାପ ସିଂ ସିଂଘି ଉପସ୍ଥିତ ଥିଲେ। ଲାଇବ୍ରେରି ବ୍ୟତୀତ ଏଠାରେ ଏକ ମ୍ୟୁଜିୟମ ସ୍ଥାପନ କରାଯାଇଛି, ଯେଉଁଠାରେ ୨୭୫ ଦେଶର ବୈଦେଶିକ ମୁଦ୍ରା, ଡାକଟିକଟ ରହିଛି। ବିଶ୍ୱର ବିଭିନ୍ନ ଦେଶର ପୁରାତନ, ମଧ୍ୟବର୍ତ୍ତିକାଳୀନ ଓ ଆଧୁନିକ ଯୁଗର ମୁଦ୍ରା, ଦିଆସିଲି ଖୋଳ, ବିଭିନ୍ନ ଫଟୋ, ମୂର୍ତ୍ତି, ବ୍ୟବହାରିକ ଦ୍ରବ୍ୟ ପ୍ରଦର୍ଶିତ ହୋଇଛି।

## ଜେଲ ଗଲେ ଆତଙ୍କ ସୃଷ୍ଟିକାରୀ ଯୁବକ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମଦ୍ୟପାନ କରି ଆତଙ୍କ ସୃଷ୍ଟି କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପଳାଶୁଣୀ ପିଏଚଇଡି କଲୋନୀର ପର୍ଶୁରାମ ରେଡ୍ଡୀ। ଶନିବାର ରାତିରେ ପଳାଶୁଣୀର ସୁଧାଂଶୁ ରାୟ ସପରିବାର ଘରକୁ ଫେରୁଥିବା ବେଳେ ପର୍ଶୁରାମ ତାଙ୍କୁ ଗାଳିଗୁଲଜ କରି ମାଡ ମାରିବାକୁ ଉଦ୍ୟମ କରିଥିଲେ। ଏ ନେଇ ସୁଧାଂଶୁ ରବିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଫଟୋରେ ଖବର



ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ଆନୁକୂଲ୍ୟରେ ଭୁବନେଶ୍ୱର ସୂଚନା ଭବନରେ ରବିବାର ଅନୁଷ୍ଠିତ ରେବତୀକାନ୍ତ ଶାସ୍ତ୍ରୀଙ୍କ ଶ୍ରାଦ୍ଧବାର୍ଷିକୀରେ ଅତିଥିମାନେ ମାଧବାନନ୍ଦ ଜେନାଙ୍କୁ ‘ରେବତୀକାନ୍ତ ଶାସ୍ତ୍ରୀ ସ୍ମୃତି ପୁରସ୍କାର’ ପ୍ରଦାନ କରୁଛନ୍ତି।




ବାଘୁଣୀ ହତ୍ୟା ଓ ବନ୍ୟପ୍ରାଣୀ ଶିକାର ବିରୋଧରେ ଆନିମଲ୍ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ର ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ଅଭିନବ ପ୍ରତିବାଦ କରାଯାଉଛି।




ଭୁବନେଶ୍ୱର ସୂଚନା ଭବନରେ ରବିବାର ଅନୁଷ୍ଠିତ ଓଏସ୍‌ଇବି ମିନିଷ୍ଟରିଆଲ ଏମ୍ପ୍ଲଇଜ୍ ୟୁନିୟନର ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।



ମାଛ ବିନା ପୋଖରୀ ଥାଇପାରେ, କିନ୍ତୁ ନିନ୍ଦୁକ ବିନା ଗ୍ରାମ ନାହିଁ।
- ଫକୀର ମୋହନ ସେନାପତି



ପୋଲିସ-ଆଇନଜୀବୀ ବିବାଦ

# ତିନି ଘଣ୍ଟାର ବୈଠକ, ବାହାରିପାରିଲାନି ନିଷ୍କର୍ଷ

**କଟକ ଅଫିସ,୧୧।୧୧**

ହାଇକୋର୍ଟରେ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିବା ଘଟଣାକୁ ନେଇ ପ୍ରାୟ ଅଢ଼େଇ ମାସ ହେଲା ଜାରି ରହିଛି ବିବାଦ। ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ତାହାର ସମାଧାନ ପାଇଁ ରବିବାର ଏକ ଉଚ୍ଚସ୍ତରୀୟ ବୈଠକ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରସ୍ଥ ଆଇପିଏସ୍ ମେସ୍ ହଲ୍‌ରେ ବସିଥିଲା। ରବିବାର ଅପରାହ୍ନ ୫ଟାରେ ବୈଠକ ଆରମ୍ଭ ହୋଇଥିବାବେଳେ ରାତି ୮ଟା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ତର୍ଜମା କରାଯାଇଥିଲା। ଉଭୟ ପକ୍ଷ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ହେଲେ ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନ ନାହିଁ। ସୋମବାର ହାଇକୋର୍ଟ ବାର କାଉନ୍‌ସିଲ ବୈଠକରେ ଚୁଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି।

ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ଥିଲେ। ସେହିପରି ଓଡ଼ିଶା ପୋଲିସ ପକ୍ଷରୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି, କଟକ ଡିସିପି ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ଆଇନଜୀବୀ-ପୋଲିସ ବିବାଦର ସବୁ ପୃଷ୍ଠଭୂମି ଉପରେ ଆଲୋଚନା କରାଯାଇଥିଲା। ପୋଲିସ ଘଟଣାରେ କେଉଁ କେଉଁ ଦିଗ ଉପରେ ତଦନ୍ତ କରିଛି ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଡିଜିପି ଶର୍ମା କହିଥିଲେ। ତେବେ ଘଟଣାରେ ନିଲମ୍ବିତ ହୋଇଥିବା ପୋଲିସ କର୍ମଚାରୀମାନଙ୍କ ଉପରୁ ଇତିମଧ୍ୟରେ ନିଲମ୍ବନ ଆଦେଶ ଉଠିସାରିଛି। ତେଣୁ ଆଇନଜୀବୀମାନେ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ଡିଜିପି କହିଛନ୍ତି, ପୋଲିସ ଆଇନ ଅନୁଯାୟୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇସାରିଛି। ତେଣୁ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ନଜରରେ ରଖି ଆଇନଜୀବୀ ସଂଘ ଆନ୍ଦୋଳନର ପରବର୍ତ୍ତୀ ରୂପରେଖ ଉପରେ ଉଚିତ ନିଷ୍ପତ୍ତି ନେଉ। ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ କହିଛନ୍ତି, ବୈଠକରେ ସକାରାତ୍ମକ ଆଲୋଚନା ହୋଇଛି। ହେଲେ ଏହା ପରେ ଆମେ ଆନ୍ଦୋଳନରୁ ଓହରିବୁ କି ନାହିଁ ତାହା ସୋମବାର ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଆଲୋଚନା ପରେ କହିହେବ। ସିପାହୀ, ହାବିଲଦାର ଓ କନଷ୍ଟେବଲ ମହାସଂଘର ସଭାପତି ସନ୍ତୋଷ ଶତପଥୀ କହିଛନ୍ତି, ଆମ ମଧ୍ୟରେ ଲାଗି ରହିଥିବା ବିବାଦର ଆପୋସ ସମାଧାନ ହୋଇଯାଇଛି। ଯାହା ଆମ ମଧ୍ୟରେ ତିକ୍ତତା ଥିଲା ତାହା ଉପରେ ଆଲୋଚନା ହୋଇଥିଲା। ସୋମବାର ଆଇନଜୀବୀମାନେ ଆନ୍ଦୋଳନ ବନ୍ଦ କରିବେ ବୋଲି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି। ଡିସିପି ଅଖିଳେଶ୍ୱର କହିଛନ୍ତି, ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସେମାନେ କେତେକ ଦାବି ରଖିଥିବା ବେଳେ ଉଭୟ ପୋଲିସ ଏବଂ ଆଇନଜୀବୀମାନେ କିଛି ସମୟ ନେଇଛନ୍ତି। ଆଇନଜୀବୀମାନେ ଆନ୍ଦୋଳନ ସ୍ଥଗିତ କରିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ।

ଅନ୍ୟପକ୍ଷରେ ହାଇକୋର୍ଟରେ ଘଟଣାକୁ ନେଇ ରୁଜୁ ହୋଇଥିବା ମାମଲା ଶୁଣାଣି ସୋମବାର କରାଯିବ। ଏହାପରେ ବାର ଆସୋସିଏଶନ୍ ବୈଠକ ବସିବ। ତଣ୍ଡୁ ଆଇନଜୀବୀମାନଙ୍କ ଦୀର୍ଘଦିନର କାର୍ଯ୍ୟବନ୍ଦ ଆନ୍ଦୋଳନର ଭବିଷ୍ୟତ କ'ଣ ହେବ ତାହା ସୋମବାର ସ୍ପଷ୍ଟ ହେବ।

**ଆଜି ବାର ଆସୋସିଏଶନ୍ ବୈଠକରେ ହେବ ନିଷ୍ପତ୍ତି**



ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରସ୍ଥ ଆଇପିଏସ୍ ମେସ୍ ହଲରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ଓ ଆଇନଜୀବୀ।

## ସଂକ୍ଷେପରେ

### ମଦବିରୋଧୀ ସଚେତନତା ବାର୍ତ୍ତା

**କଣ୍ଟାପଡା, ୧୧।୧୧(ଡି.ଏନ୍.ଏ.):** ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଯୁବବାହିନୀ ପକ୍ଷରୁ କଣ୍ଟାପଡା ବ୍ଲକସ୍ଥିତ ଖେରସ ଗ୍ରାମରେ ରବିବାର ସକାଳେ ମଦବିରୋଧୀ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ଖେରସ ଘୋଡାମେଳଣ ପଡିଆଠାରୁ ଯୁବବାହିନୀର ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଶୋଭାଯାତ୍ରାରେ ବାହାରି ଏଗାରେଶ୍ୱର ମନ୍ଦିର ଓ ନଦୀପାର୍ଶ୍ୱବର୍ତ୍ତୀ ଗ୍ରାମ ପରିକ୍ରମା କରିଥିଲେ। ଏହି ସମୟରେ ସେମାନେ ମଦର କୁପ୍ରଭାବ ଫଳରେ କିପରି ଭାବେ ଯୁବସମାଜ କ୍ଷତିଗ୍ରସ୍ତ ହେଉଛି ଓ କେତେକ ପରିବାର ସର୍ବସ୍ୱାନ୍ତ ହେଉଛନ୍ତି ସେ ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବବାହିନୀ ମୁଖ୍ୟ ଅତିଶ କୁମାର ରାଉତ, ରିଙ୍କୁ ରଞ୍ଜନ ବେହେରା, ରମଣ ରଞ୍ଜନ ମୁଦୁଲି, ଦେବାଶିଷ ଜେନା, ରାଧାକୃଷ୍ଣ ବେହେରା, ମନୋଜ କୁମାର ସେଠୀଙ୍କ ସମେତ ବହୁ ଯୁବକ ଯୋଗଦେଇଥିଲେ।

### ଶିକ୍ଷକ ନେତାଙ୍କ ପରଲୋକ

**ଫୁଲନଖରା, ୧୧।୧୧(ଡି.ଏନ୍.ଏ.):** ଲକ୍ଷେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ମିଳିତ ଶିକ୍ଷକ କର୍ମଚାରୀ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ପୀତାମ୍ବର ସ୍ୱାଇଁ(୭୩)ଙ୍କ ରବିବାର ନଖରାସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଏହି ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଲକ୍ଷେଶ୍ୱର ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ରାଜନୈତିକ ବ୍ୟକ୍ତି ଓ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଅପରାହ୍ନରେ ତାଙ୍କ ମରଶରୀରକୁ ନଖରାସ୍ଥିତ ବାସଭବନରୁ ଶୋଭାଯାତ୍ରାରେ ନଖରା, ଫୁଲନଖରା ଛକ ଓ ଲକ୍ଷେଶ୍ୱର ହାଇସ୍କୁଲ ପରିକ୍ରମା କରାଯାଇ କଟକ ପୋପରଡାସ୍ଥିତ ଜନ୍ମସ୍ଥାନକୁ ନିଆଯାଇଥିଲା। ସେଠାରେ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିବା ପରେ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବଡପୁଅ ପ୍ରତ୍ୟୁଷ ରଞ୍ଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ପୀତାମ୍ବର ଲକ୍ଷେଶ୍ୱର ହାଇସ୍କୁଲରେ ୧୯୬୯ରୁ ଶିକ୍ଷକତା ଜୀବନ ଆରମ୍ଭ କରି ୨୦୦୩ରେ ପ୍ରଧାନଶିକ୍ଷକ ପଦବୀରୁ ଅବସର ନେଇଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ।

### ନାବାଳିକା ଉଦ୍ଧାର

**କଟକ ଅଫିସ,୧୧।୧୧:** ପୁରୀଘାଟ ଥାନା ଅନ୍ତର୍ଗତ ଉପର ତେଲେଙ୍ଗା ବଜାର ଅଞ୍ଚଳର ଜଣେ ନାବାଳିକାଙ୍କୁ ରବିବାର ପୋଲିସ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କ ଜିମା ଦେଇଛି। ନାବାଳିକା ଜଣଙ୍କ ଶନିବାର ଘରୁ କେଉଁଆଡେ ପଳାଇ ଯାଇଥିବା ନେଇ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ରବିବାର ସିଡିଏ ସେକ୍ଟର-୯ ଅଞ୍ଚଳର ଜଣେ ମହିଳା ନାବାଳିକା ଜଣଙ୍କ ତାଙ୍କ ପାଖରେ ଥିବା ନେଇ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟାରେ ନାବାଳିକା ଜଣଙ୍କ ଘରୁ ରାଗିକରି ସିଡିଏ ପଳାଇ ଯାଇଥିଲେ। ସେଠାରେ ନାବାଳିକା ଜଣଙ୍କ ଏକା ବୁଲୁଥିବା ବେଳେ ଉକ୍ତ ମହିଳାଙ୍କ ସହ ତାଙ୍କର ଦେଖା ହୋଇଥିଲା। ନାବାଳିକା ଜଣଙ୍କ ମହିଳାଙ୍କୁ ସମସ୍ତ କଥା କହିବା ପରେ ସେ ତାଙ୍କୁ ଘରକୁ ନେଇ ଯାଇଥିଲେ।

### ମୌଲାନା ଆଜାଦଙ୍କ ଜୟନ୍ତୀ

**କଟକ ଅଫିସ, ୧୧।୧୧:** କଟକ ନଗର (ଜିଲା) କଂଗ୍ରେସ ସଂଖ୍ୟାଲଘୁ ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କଲାମ ଆଜାଦ୍‌ଙ୍କ ଜୟନ୍ତୀ ସ୍ଥାନୀୟ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ରବିବାର ପାଳିତ ହୋଇଯାଇଛି। ଏଥିରେ ସେକ୍ ଜିଆଉଦ୍ଦିନ ପୌରୋହିତ୍ୟ କରିଥିଲେ। କଂଗ୍ରେସ କର୍ମୀମାନେ ମୌଲାନା ଆଜାଦ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନାଚକ୍ରରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଇକବାଲ ଖାନ, ମଜିଦ ଖାନ, ସେକ୍ ଲିଆକତ ଉଦ୍ଦିନ, ଜାଫର ଆଲମ ବକ୍ସ, ଇରସଦ ଖାନ୍, ଉସମାନ ଖାନ୍, ସେକ୍ ନମି, ସେକ୍ ବାସିଫ, ସେକ୍ ମୁଣିର, କମଲେସ ସାଗର, ସେକ୍ ଇର୍ସାଦ, ଫାୟାଜ ବକ୍ସ, ଅବଦୁଲ ରେହେମାନ ପ୍ରମୁଖ ଅଂଶଗ୍ରହଣ କରି ମୌଲାନା ଆଜାଦଙ୍କ ସ୍ମୃତିଚାରଣ କରିଥିଲେ।



କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନରେ ଆଦର୍ଶ ପ୍ରତିଭା ବିକାଶ ପରିଷଦ ପକ୍ଷରୁ କବୟିତ୍ରୀ ବନଲତା ସିଂଙ୍କ ରଚିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ରେଭେନ୍‌ଶା ଅର୍ଥଶାସ୍ତ୍ର ବିଭାଗକୁ ଶୀର୍ଷ ସ୍ଥାନରେ ପହଞ୍ଚାଯିବ

**କଟକ ଅଫିସ, ୧୧।୧୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗକୁ ଦେଶରେ ଏକ ଅଗ୍ରଣୀ ଶିକ୍ଷଣ ତଥା ଗବେଷଣା ବିଭାଗ ରୂପେ ବିକଶିତ କରିବା ପାଇଁ ବିଭାଗର ସମସ୍ତ ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ସଂକଳ୍ପବଦ୍ଧ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅର୍ଥଶାସ୍ତ୍ର ବିଭାଗ ତାହାର ଗୁଣବତ୍ତା ବଜାୟ ରଖିଛି ଏବଂ ସର୍ବଭାରତୀୟ ସ୍ତରରେ ଛାତ୍ରୀଛାତ୍ରମାନେ ଉତ୍କର୍ଷ ପ୍ରତିପାଦନ କରିପାରୁଛନ୍ତି। ଖାଲିଥିବା ପଦବୀ ପୂରଣ ଓ ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧ ହେଲେ ଏହା ସମଗ୍ର ଦେଶରେ ଏକ ଉତ୍କର୍ଷ ବିଭାଗ ରୂପେ ବିବେଚିତ ହେବାରେ କୌଣସି ସଂଶୟ ନାହିଁ। ବିଭାଗର ସଦାନନ୍ଦ ସିହ୍ନା ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ପଞ୍ଚମ ଆଲୁମ୍‌ନି ସମ୍ମିଳନୀ ଓ ସାଧାରଣ ସଭାରେ ଉପରୋକ୍ତ ମତ ପ୍ରକାଶ ପାଇଛି। ଆଲୁମ୍‌ନି ସଭାପତି ଡ. ଅରବିନ୍ଦ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଧର୍ମବ୍ରତ ମହାପାତ୍ର ସ୍ୱାଗତ ଭାଷଣ, ଆଲୁମ୍‌ନି ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ ବିବରଣୀ ପାଠ, କୋଷାଧ୍ୟକ୍ଷା ଡ. ଲିପିଶ୍ରୀ ଦାଶ ଆୟବ୍ୟୟର ବିବରଣୀ ପ୍ରଦାନ ଓ ସଭାପତି ଡ. ଅରବିନ୍ଦ ବେହେରା ଆଲୋଚନାର ସାରାଂଶ ଉପସ୍ଥାପନ କରିଥିଲେ। ବିଭାଗର ଏମ୍‌ଫିଲ, ପିଏଚ୍‌ଡି ଗବେଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲ। ବିଭାଗର ସାମଗ୍ରିକ ବିକାଶରେ ସମ୍ମିଳିତ ପ୍ରୟାସ କରାଯିବା ପାଇଁ ବହୁବିଧ ସମ୍ଭାବ୍ୟ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପକ ପ୍ରଫେସର ଅଦ୍ୱୈତ କୁମାର ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଶରତ ଚନ୍ଦ୍ର ମିଶ୍ର, ସଞ୍ଜୀବ ହୋତା, ଡ. ବିନାୟକ ରଥ, ଜ୍ଞାନଚନ୍ଦ୍ର କର, ସୁରେନ୍ଦ୍ରନାଥ ବେହେରା, ଦିଲୀପ ରାୟ, ସନ୍ତୋଷ ମହାପାତ୍ର, ଡ. ସଚ୍ଚିଦାନନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ।

# କଟକରେ ଦ୍ୱିତୀୟ ଓପନ୍ ମାଇକ୍ କାର୍ଯ୍ୟକ୍ରମ

**କଟକ ଅଫିସ,୧୧।୧୧**

କଟକ ତଳ ତେଲେଙ୍ଗାବଜାରସ୍ଥିତ ଆଇନକ୍ସ ମଲରେ ଜାତୀୟ ସଙ୍ଗଠନ ଇଓର କୋଟ୍ ପକ୍ଷରୁ ରବିବାର ଓପନ ମାଇକ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଟକରେ ଇଓର କୋଟ୍‌ର ଏହା ଦ୍ୱିତୀୟ କାର୍ଯ୍ୟକ୍ରମ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୪୦ଜଣ ପ୍ରତିଯୋଗୀ ସାମିଲ ହୋଇ ସୃଜନାତ୍ମକ ରଚନା କରିଥିବା ସାହିତ୍ୟ ପରିବେଷଣ କରିଥିଲେ। ଖଡଗପୁରରୁ ଯୋଗଦେଇଥିବା ରବୀନ୍ଦ୍ର ସିଂ ଆର୍ମିରେ କାର୍ଯ୍ୟ କରୁଥିବା ମୁସଲମାନ ବ୍ୟକ୍ତିଙ୍କୁ ନେଇ ଏକ କବିତା ପାଠ କରିଥିଲେ। ବିଶ୍ୱଜିତ୍ ମାଲିକ ଗାନ୍ଧୀ ଓ ଏହି ଦେଶ ଶୀର୍ଷକ କବିତା ବେଶ ଆଦୃତି ଲାଭ କରିଥିଲା। ଶୁଭାଶିଷ ପ୍ରଧାନ, ସ୍ୱାଗତମ ରଥ, ପ୍ରିତମ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରିଙ୍କୁ ଟଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦିଶା ମହାନ୍ତି ଉପସ୍ଥାପିକା ଦାୟିତ୍ୱ ତୁଲାଇଥିଲେ। ସୂଚନାଥାଉ କି, ଯୁବ ଲେଖିକା, ଲେଖକମାନଙ୍କୁ ନେଇ ଇଓର କୋଟ ସମଗ୍ର ଦେଶରେ ଏହିଭଳି ଓପନ ମାଇକ୍ ତଥା ମୁକ୍ତାକାଶ ମଞ୍ଚରେ କାର୍ଯ୍ୟକ୍ରମମାନ ଆୟୋଜନ କରେ।

# ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷା କର୍ମଚାରୀ ସଂଘର ଅଧିବେଶନ

**କଟକ ଅଫିସ, ୧୧।୧୧**

ରବିବାର ଓଷ୍ଟା ସଭାକକ୍ଷରେ ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘ କଟକ ଜିଲା ଶାଖାର ସାଧାରଣ ଅଧିବେଶନ ତଥା ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘର ଆବାହକ କିଶୋର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ସଂଘର ଅନ୍ୟତମ ଆବାହକ ଇନ୍ଦୁମାଧବ ମହାନ୍ତି ଓ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ସଙ୍ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଷ୍ଟାର କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା, ଅନ୍ୟତମ ସମ୍ପାଦକ ଅଶୋକ କୁମାର ମହାପାତ୍ର, ଓଷ୍ଟା କଟକ ଜିଲାର କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ଲେଙ୍କା ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ସଙ୍ଗଠନର ଆବଶ୍ୟକତା, ଗୁରୁତ୍ୱ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ପରେ ଜିଲା ଶାଖାର ସଭାପତି ଭାବେ ନିରଞ୍ଜନ ଭୂୟାଁ, ଗୌରାଙ୍ଗ ଚରଣ ଦେବତା ଉପସଭାପତି, ଶିଶିର କୁମାର ନାୟକ ସମ୍ପାଦକ, ଶରତ କୁମାର ପାଢ଼ୀ, ଗୋବିନ୍ଦ ଚନ୍ଦ୍ର ସାହୁ ଓ ବୀରଚରଣ ରାଉତ ଯୁଗ୍ମ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଅନନ୍ତ ଚରଣ ଦାଶ ସ୍ୱାଗତ ଭାଷଣ ଓ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଜୋନ୍, ବୁଥ୍ କମିଟି ଗଠନ ଦିଗରେ ଗୁରୁତ୍ୱ

**କଟକ ଅଫିସ,୧୧।୧୧:** କଟକ ଖାନ୍‌ନଗରସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନବନିଯୁକ୍ତ ଜୋନ ସଭାପତିମାନଙ୍କର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସର ସଭାପତି ଗୁରୁପଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ରବୀନ୍ଦ୍ର କୁମାର ମଲ୍ଲିକ, ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ପୁଷ୍ପା ସାମଲ, ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ, ପିସିସି ସମ୍ପାଦକ ଦିଲୀପ କୁମାର ମହାନ୍ତି, ତ୍ରିଲୋଚନ ମହାନ୍ତି, ଶାନ୍ତାୟନ ମିଶ୍ର, ଅନିଲ କୁମାର ବେହୁରା, ଜିଲା କଂଗ୍ରେସ ଉପସଭାପତି ଦୀପକ ପରିଡ଼ା, ଶିଶିରକାନ୍ତ ମିଶ୍ର, ଅଶୋକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଜୋନ୍ କମିଟି ଓ ପରବର୍ତ୍ତୀ ୧୫ ଦିନ ମଧ୍ୟରେ ବୁଥ୍ କମିଟି ଗଠନ କରିବା ସହ ଜୋନସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲା କଂଗ୍ରେସ ପକ୍ଷରୁ 'ମୋ ବୁଥ ମୋ ଗୌରବ' ଓ ପ୍ରୋଜେକ୍ଟ ଶକ୍ତି କାର୍ଯ୍ୟକ୍ରମ କରାଯାଇ ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ଯୋଡ଼ିବାର କାର୍ଯ୍ୟକ୍ରମ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ନନ୍ଦ ସୂଚନା ଦେଇଥିଲେ।

# ଜୀବନ ବିନ୍ଦୁ କାର୍ଯ୍ୟକ୍ରମ: ୧୦୦୨ ୟୁନିଟ୍ ରକ୍ତ ସଂଗ୍ରହ



କାର୍ଯ୍ୟକ୍ରମରେ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସହ ଅନ୍ୟମାନେ।

**କଟକ ଅଫିସ,୧୧।୧୧**

ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ କଟକ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି। ଏହି ଶିବିରରେ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଦେବାଶିଷ ସାମନ୍ତରାୟ, ମନ୍ତ୍ରୀ ପ୍ରତାପ ଜେନା, ଦେବୀରଞ୍ଜନ ତ୍ରିପାଠୀ, ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ, ରାଣାପ୍ରତାପ ପାତ୍ର, ଶିଶିର ପରିଜା, ଜ୍ଞାନେନ୍ଦ୍ରଗିରି ଗୋସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟରେ ରକ୍ତ ସଙ୍କଟ ଦୂର କରିବା ଦିଗରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଏକ ବଡ ଭୂମିକା ଗ୍ରହଣ କରିଛି। ତେଣୁ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରାଯିବ ବୋଲି ଜୀବନ ବିନ୍ଦୁ କାର୍ଯ୍ୟକ୍ରମର କଟକ ସିଟି ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି।

# ବଡି ବିଲ୍ଡିଂ ଆସୋସିଏଶନ୍‌ର ବାର୍ଷିକ ଅଧିବେଶନ

**ଚୌଦ୍ୱାର,୧୧।୧୧(ଡି.ଏନ୍.ଏ.)**

ଚୌଦ୍ୱାର-କଟକ ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ ଆସୋସିଏଶନର ବାର୍ଷିକ ଅଧିବେଶନ ରବିବାର ଚୌଦ୍ୱାରସ୍ଥିତ ଜିମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ବଡି ବିଲ୍ଡରମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ବଡି ଫିଟ୍‌ନେସ୍‌ର ସଭାପତି ଗୌରୀଶଙ୍କର ସିଂଘାରୀ ଯୋଗଦେଇ ଆଗାମୀ ଦିନରେ ଯୁବତୀଯୁବକମାନେ ନିଜର ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ହେଲେ ଜିମ୍‌କୁ ଆସିବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ସନ୍ତୋଷ ମହାନ୍ତି, ରଞ୍ଜନ ମହାନ୍ତି, ସୁଶାନ୍ତ ମହାନ୍ତି, ନୀଳ ବାରିକ, ଚିତ୍ତରଞ୍ଜନ ବେହେରା, ମନୋଜ ସ୍ୱାଇଁ ଓ ସ୍ୱାଧୀନ ଷଡଙ୍ଗୀ ପ୍ରମୁଖ ବଡି ବିଲ୍ଡର ଯୋଗଦେଇ ଉପସ୍ଥିତ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ଦିଗରେ ପରାମର୍ଶ ଦେଇଥିଲେ। ଆସନ୍ତା ଜାନୁଆରୀ ୨୦ତାରିଖରେ ଚୌଦ୍ୱାର କପାଳେଶ୍ୱର ପଡିଆରେ ଏକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହେବ ବୋଲି ଆୟୋଜକ ବିକ୍ରମ କୁଅଁର ସୂଚନା ଦେଇଛନ୍ତି। ନରେଶ କୁମାର ସାହୁ ଓ ଶାରଦା ପ୍ରସନ୍ନ ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାସ୍କଟ ଓଲିକୁ ସମ୍ବର୍ଦ୍ଧନା, ଆଜି ସହର ପରିକ୍ରମା

**କଟକ ଅଫିସ,୧୧।୧୧**

ନଭେମ୍ବର ୨୮ରୁ ଭୁବନେଶ୍ୱରରେ ଆରମ୍ଭ ହେବ ପୁରୁଷ ହକି ବିଶ୍ୱକପ୍। ଏହି ପରିପ୍ରେକ୍ଷୀରେ ପ୍ରସାର, ପ୍ରଚାର ଉଦ୍ଦେଶ୍ୟରେ ଶୋଭାଯାତ୍ରାରେ ବାହାରିଥିବା ମାସ୍କଟ ଓଲି ରବିବାର ଅପରାହ୍ନରେ କଟକରେ ପହଞ୍ଚିଛି। ଓଲିକୁ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ପ୍ରବୋଧ ରାଉତ, ଆଶୁତୋଷ ପାଇକରାୟ, ବିକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ପୋର୍ଟସ ହଷ୍ଟେଲ ଅନ୍ତେବାସୀମାନେ ଉପସ୍ଥିତ ଥିଲେ। ସୋମବାର ପୂର୍ବାହ୍ନରେ ମାସ୍କଟ ଓଲିକୁ ସତ୍ୟବ୍ରତ ଷ୍ଟାଡିୟମରେ ପ୍ରଦର୍ଶନୀ ନିମନ୍ତେ ରଖାଯିବ। ପରେ ତୁଳସୀପୁର ପୋଲିସ ହାଇସ୍କୁଲ ଓ ସିଡିଏ ଡିଏଭି ସ୍କୁଲରେ ପ୍ରଦର୍ଶନୀ ହୋଇ ଏହା ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। କ୍ରୀଡ଼ାବିତ ବିକାଶ କୁମାର ସାହୁ ମାସ୍କଟ କାର୍ଯ୍ୟ ତୁଲାଉଛନ୍ତି। ସୂଚନାଥାଉକି, ଆସନ୍ତା ବିଶ୍ୱକପକୁ ଦୃଷ୍ଟିରେ ରଖି ୩ଟି ମାସ୍କଟ ରାଜ୍ୟବ୍ୟାପୀ ଶୋଭାଯାତ୍ରାରେ ବାହାରିଛି। ଜୋନ୍ ନଂ-୨ରେ ବିଭକ୍ତ ଜିଲା ଗୁଡ଼ିକରେ ଉକ୍ତ ମାସ୍କଟ ପରିକ୍ରମା କରୁଥିବା ବେଳେ କଟକ ପୂର୍ବରୁ ଏହା ଜଗତସିଂହପୁର ଜିଲାରେ ଥିଲା।



ମାସ୍କଟ୍ ଓଲି କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିବା ପରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଅନ୍ୟମାନେ।



ନାଗ ଚତୁର୍ଥୀ ଅବସରରେ ରବିବାର କଟକ ବାଉଁଶଗଳି ସଚ୍ଚିଦାନନ୍ଦ ମଠ ପରିସରସ୍ଥ ଗଛ ମୂଳ ହୁଙ୍କା ନିକଟରେ ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ନାଗଦେବତାଙ୍କ ଉଦ୍ଦେଶ୍ୟରେ ଅଣ୍ଡା ଓ ନୈବେଦ୍ୟ ଅର୍ପଣ କରି ପୂଜା କରୁଛନ୍ତି।



କଟକ ଶତାବ୍ଦି ଭବନରେ ରବିବାର ପଣ୍ଡିତ କୁଣ୍ଡଳା ଆଦିନାରାୟଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ପଞ୍ଚମ ବାର୍ଷିକ ସ୍ମୃତି ଉତ୍ସବରେ ଗୁରୁ ଏ. ମହେଶ୍ୱର ରାଓ ଓ ଡା. ପ୍ରେମଚାନ୍ଦ ଦାସଙ୍କୁ ପୂଜ୍ୟଗୁରୁ ପଣ୍ଡିତ କୁଣ୍ଡଳା ଆଦିନାରାୟଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

### ଜାତୀୟ ଶିକ୍ଷା ଦିବସ ପାଳିତ

**କଟକ ସଦର, ୧୧।୧୧(ଡି.ଏନ୍.ଏ.):** ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କଲାମ ଆଜାଦ୍‌ଙ୍କ ଜୟନ୍ତୀକୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ କଟକ ସଦର ବ୍ଲକ ଅଧୀନ ପରମହଂସସ୍ଥିତ ହଂସନାଥ ନୋଡାଲ ବିଦ୍ୟାଳୟରେ ରବିବାର ତାଙ୍କ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଶିକ୍ଷକ ରଘୁରାମ ଶାସମଲ, ବାସୁଦେବ ନାୟକ, ନିରୁପମା ଦାସ, ଲୋପାମୁଦ୍ରା ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଆଦର୍ଶ ବିବାହ
### ୨ଅନୁସୂଚିତ ଜାତି ଯୁବତୀଙ୍କ ହାତ ଧରିଲେ ୨ସବର୍ଣ୍ଣ ଯୁବକ



ନିମାପଡ଼ା, ୧୧।୧୧(ଡି.ଏନ୍.ଏ.)- ସମାଜରେ ଜାତିପ୍ରଥାକୁ ନେଇ ଅନେକ ସମୟରେ ଭେଦଭାବ ଦେଖିବାକୁ ମିଳୁଛି। ଏସବୁକୁ ଭୁଲିଯାଇ ୨ଜଣ ସବର୍ଣ୍ଣ ଜାତିର ଯୁବକ ଅନୁସୂଚିତ ଜାତିର ୨ଯୁବତୀଙ୍କୁ ଜୀବନ ସାଥୀ ରୂପେ ବାଛି ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନିମାପଡ଼ା ଥାନା ଅଞ୍ଚଳରେ। ଏହି ବିବାହ ପର୍ବରେ ଉଭୟ ଯୁବତୀ ଓ ଯୁବକଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ପୋଲିସ ଉପସ୍ଥିତ ରହିଥିଲେ। ଏହି ଆଦର୍ଶ ବିବାହ ଦେଖିବା ପାଇଁ ବାସୁଦେବ ମନ୍ଦିରରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇଥିଲେ। ନିମାପଡ଼ା ଥାନା ଅନ୍ତର୍ଗତ ଗଡ଼ଇଟାପୋଖରୀ କୋଠସାହି ଗ୍ରାମର ରୋହିତ ରାଉତଙ୍କ କନ୍ୟା ରଶ୍ମିତା ରାଉତ ନିଆଳି ଥାନା ଅନ୍ତର୍ଗତ ମହଙ୍ଗପଡ଼ା ପ୍ରସଙ୍ଗ ଗ୍ରାମର ବନମାଳୀ ନାୟକଙ୍କ ପୁଅ ପତିନା ନାୟକଙ୍କୁ ବିବାହ କରିଥିବାବେଳେ ସେହି ବଡ଼ଇଟାପୋଖରୀ କୋଠସାହି ଗ୍ରାମର ପୁରୁଷୋତ୍ତମ ରାଉତଙ୍କ କନ୍ୟା ପୂଜା ରାଉତଙ୍କୁ ପ୍ରସଙ୍ଗ ଗ୍ରାମର ଦେବେନ୍ଦ୍ର ସ୍ୱାଇଁଙ୍କ ପୁଅ ବିଶ୍ୱଜିତ୍ ସ୍ୱାଇଁ ବିବାହ କରିଛନ୍ତି। ଏହି ବିବାହ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ପଣ୍ଡାଙ୍କ ସମେତ ବର ଓ କନ୍ୟା ପକ୍ଷର ଗ୍ରାମବାସୀଙ୍କ ସହ ନିମାପଡ଼ା ଥାନା ଏସ୍ଆଇ ସନ୍ଧ୍ୟାରାଣୀ ବିଶ୍ୱାଳ ଉପସ୍ଥିତ ଥିଲେ।

### ୧୯ ହବିଷିଆଳି ଅସୁସ୍ଥ

ପୁରୀ ଅଫିସ, ୧୧।୧୧: କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ହବିଷିଆଳିଙ୍କ ପାଇଁ ସରକାରଙ୍କ ପକ୍ଷରୁ ୪ଟି ଆଶ୍ରୟସ୍ଥଳ କରାଯାଇଛି। ଏସବୁ ଆଶ୍ରୟସ୍ଥଳରେ ପ୍ରାୟ ୨୫ଶହରୁ ଊର୍ଦ୍ଧ୍ୱ ହବିଷିଆଳି ରହୁଥିବାବେଳେ ରବିବାର ୧୯ଜଣ ଅସୁସ୍ଥ ହୋଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳର ୧୬ଜଣ, ପୁରୀ ପୌର କଲ୍ୟାଣ ମଣ୍ଡପର ଜଣେ ଓ ଜଗନ୍ନାଥ ବଲ୍ଲଭ ଆଶ୍ରୟସ୍ଥଳର ୨ଜଣ ହବିଷିଆଳି ରହିଛନ୍ତି। ତେବେ ଅନ୍ୟମାନେ ଚିକିତ୍ସା ପରେ ଆଶ୍ରୟସ୍ଥଳକୁ ଫେରିଥିବାବେଳେ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ନୟାଗଡ଼ ଗୋପାଳପୁରର ରମା ଦେଇ ଓ ଜ୍ୱରରେ ପୀଡିତ ଥିବା ଜଗନ୍ନାଥ ବଲ୍ଲଭ ଆଶ୍ରୟସ୍ଥଳରେ ରହୁଥିବା ଗଞ୍ଜାମ ଜିଲାର ସରସ୍ୱତୀ ପଣ୍ଡା, କୋରାପୁଟର ପ୍ରମିଳା ସାହୁଙ୍କ ଚିକିତ୍ସା ଚାଲିଛି।

### ରବି ଫସଲରେ ସବାଖିଆ ପୋକ ଚିନ୍ତାରେ ଚାଷୀ

କଣାସ, ୧୧।୧୧(ସ୍ୱ.ପ୍ର.)-କ୍ରମାଗତ ଭାବେ ଲଘୁଚାପଜନିତ ବର୍ଷା ଯୋଗୁ ପୁରୀ ଜିଲା କଣାସ ବ୍ଲକର ୨୮ଗ୍ରାମପଞ୍ଚାୟତରେ ଶାରଦ ଧାନଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଫଳରେ ଚାଷୀମାନେ ରବିଫସଲ ଉପରେ ଭରସା କରିଥିଲେ। ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗାଁମହାଜନଙ୍କ ଠାରୁ ଚଢ଼ାସୁଧରେ ଋଣ ଆଣି ବିରି, ମୁଗ, କୋଳଥ ଓ ଚିନାବାଦାମ ଚାଷ କରିଥିଲେ। ମାତ୍ର ଏବେ ଏହି ସବୁ ଫସଲରେ ସବାଖିଆ ପୋକ ଲାଗିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଜିଲା କୃଷି ଅଧିକାରୀ ଏ. ବେହେରା ଏବଂ ଅନ୍ୟାନ୍ୟ କୃଷି ଅଧିକାରୀ ଜମିକୁ ଯାଇ ପୋକରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଔଷଧ ପକାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ■ ଆଜି ଅନ୍ନଦାନ ଆଟିକା ସବ୍-କମିଟି ବୈଠକ

# ଏକାଠି ହେଲେ ସେବାୟତ

■ଭିତର ସେବାୟତ ନିଯୋଗରେ ବସିଲା ବୈଠକ

■କାର୍ତ୍ତିକ ପରେ ଯାହା କିଛି ନିଷ୍ପତ୍ତି

ପୁରୀ ଅଫିସ, ୧୧।୧୧

ସୋମବାର ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିବ ଅନ୍ନଦାନ ଆଟିକା ସବ୍‌କମିଟି ବୈଠକ। ଏହି ବୈଠକରେ କମିଟି ସଦସ୍ୟଙ୍କ ସମେତ ପୂଜାପଣ୍ଡା, ସୁଆର ମହାସୁଆର, ପ୍ରତିହାରୀ ଏବଂ ଭିତର ସେବାୟତ ନିଯୋଗର କର୍ମକର୍ତ୍ତା ବି ଯୋଗଦେବେ। ତେବେ ଏହା ପୂର୍ବରୁ ରବିବାର ସନ୍ଧ୍ୟାରେ ଲୋକନାଥ ରୋଡ୍‌ସ୍ଥିତ ଭିତର ସେବାୟତ ନିଯୋଗ କାର୍ଯ୍ୟାଳୟ ପରିସରରେ ସେବାୟତଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତିହାରୀ ନିଯୋଗ କର୍ମକର୍ତ୍ତାଙ୍କୁ ବାଦ୍ ଦେଲେ ଅନ୍ୟ ତିନି ନିଯୋଗ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ହେବାକୁ ଥିବା ବୈଠକରେ ୪ ନିଯୋଗ କର୍ମକର୍ତ୍ତା ଯୋଗଦେବେ। ଶ୍ରୀମନ୍ଦିର ପ୍ରଶାସନ କି ପ୍ରସ୍ତାବ ରଖୁଛି ତାହା ଶୁଣିବେ। କିନ୍ତୁ ଚାରି ନିଯୋଗ ପକ୍ଷରୁ କୌଣସି ପ୍ରସ୍ତାବ ରଖାଯିବ ନାହିଁ। କାର୍ତ୍ତିକ ମାସ ପରେ ୪ ନିଯୋଗ ନିଜ ନିଯୋଗର ସାଧାରଣ ପରିଷଦ ବୈଠକ ଡାକି ଶ୍ରୀମନ୍ଦିର ପ୍ରଶାସନ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା କରିବେ। ସାଧାରଣ ପରିଷଦ ଯାହା ନିଷ୍ପତ୍ତି ତାହା ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇବେ ବୋଲି ବୈଠକରେ ସ୍ଥିର ହୋଇଥିବା ଜଣାପଡିଛି। ତେଣୁ ସୋମବାର ହେବାକୁ ଥିବା ବୈଠକରୁ ଅନ୍ନଦାନ ଆଟିକା ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇପାରିବ ନାହିଁ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଅନ୍ନଦାନ ଆଟିକା ଏକ ଚିରାଚରିତ ପ୍ରଥା। ଏହି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ୧୯୭୦ରେ ଅନ୍ନଦାନ ଭୋଗ କମିଟି ଗଠନ ହୋଇଥିଲା। ଏହି ବ୍ୟବସ୍ଥାକୁ ସୁଆର ମହାସୁଆର ନିଯୋଗ ଏବଂ ପ୍ରତିହାରୀ ନିଯୋଗ ଚଳାଉଥିଲେ। ଶ୍ରୀମନ୍ଦିର ପ୍ରଶାସନ ୫ ପ୍ରତିଶତ ଭାଗ ନେଉଥିଲା। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନ ଏଥିରୁ ଓହରିଯିବା ପରେ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ସେବାୟତ ନିଯୋଗ ଅଧିନକୁ ଯାଇଥିଲା। ୧୯୮୧ରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅମୃତମଣୋହୀ ଦାନ ଯୋଜନା ଆରମ୍ଭ ହୋଇଥିଲା। ଏହା ୨୦୧୩ ପର୍ଯ୍ୟନ୍ତ ଚାଲି ଆସୁଥିଲା। ଶ୍ରୀମନ୍ଦିରର କେତେଜଣ ସେବାୟତ ନିଯୋଗ ବିରୋଧ କରିବାରୁ ୨୦୧୩ ନଭେମ୍ବର ୨୬ରେ ରାଜ୍ୟ ସରକାର ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ହେଲେ ଅଦ୍ୟାବଧି ୪ ନିଯୋଗ ଦ୍ୱାରା ଶ୍ରୀମନ୍ଦିର ଅନ୍ନଦାନ ଆଟିକା ଭୋଗ ବ୍ୟବସ୍ଥା ଚାଲିଛି। କିନ୍ତୁ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଅନ୍ନଦାନ ଆଟିକାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଲାଗି ପ୍ରସ୍ତାବ ରଖିଛନ୍ତି। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ନିଯୋଗ ମଧ୍ୟରେ ସମନ୍ୱୟ ରଖି ଅନ୍ନଦାନ ଭୋଗ କମିଟି ଢାଞ୍ଚାରେ ପୁଣି ଅନ୍ନଦାନ ଆଟିକା ବ୍ୟବସ୍ଥାକୁ ଚଳାଇବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ଶ୍ରୀମନ୍ଦିର ପ୍ରଶାସନ ୨୦ ପ୍ରତିଶତ ନେଇ ସେବାୟତ ୮୦ ପ୍ରତିଶତ ଦାନ ଅର୍ଥ ଭାଗ ଦେବ ବୋଲି କୁହାଯାଉଛି।

## ପୁରୀ କ୍ଲବ୍‌ର ନୂତନ ବାଇ ଲ' ଅନୁମୋଦିତ

### ଡିସେମ୍ବର ୨୩ରେ କ୍ଲବର ନିର୍ବାଚନ



ଏଜିଏମ ବୈଠକରେ ଉପସ୍ଥିତ ପୁରୀ କ୍ଲବର ସଦସ୍ୟମାନେ।

ପୁରୀ ଅଫିସ, ୧୧।୧୧

ପୁରୀ କ୍ଲବର ବାର୍ଷିକ ସାଧାରଣ ସଭା (ଏଜିଏମ୍) ରବିବାର କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଜିଏମ୍‌କୁ ନେଇ ଗତ କିଛିଦିନ ଧରି ଲାଗି ରହିଥିବା ବିବାଦର ଅନ୍ତ ଘଟିଛି। ବୈଠକରେ ନୂତନ ବାଇ ଲ'କୁ ଅନୁମୋଦନ ମିଳିଛି। କିନ୍ତୁ ଏଥିରେ କେତେକ ସଂଶୋଧନ କରାଯାଇଛି। ବାଇ ଲ'ରେ କ୍ଲବ ପରିଷଦରେ ୮ଜଣ ଏକ୍ସ ଅଫିସିଓ ସଦସ୍ୟ ଏବଂ ୯ ଜଣ ନିର୍ବାଚିତ ସଦସ୍ୟ ରହିବା ପାଇଁ ଦର୍ଶାଯାଇଥିଲା। କିନ୍ତୁ ସଂଶୋଧିତ ବାଇ ଲ'ରେ ୫ଜଣ ଏକ୍ସ ଅଫିସିଓ ଏବଂ ୯ ଜଣ ନିର୍ବାଚିତ ସଦସ୍ୟ ରହିଛନ୍ତି। ଏହି ଏକ୍ସ ଅଫିସିଓ ସଦସ୍ୟଙ୍କ ମଧ୍ୟରେ ଜିଲାପାଳ (ଚେୟାରମ୍ୟାନ୍), ଏସ୍‌ପି (କୋ-ଚେୟାରମ୍ୟାନ), ଡିଏଫ୍‌ଓ (ଭାଇସ୍ ଚେୟାରମ୍ୟାନ୍)ଙ୍କ ସହ ଅନ୍ୟ ଦୁଇଜଣ ରହିଛନ୍ତି। ତେବେ କ୍ଲବର ନୂତନ ସଦସ୍ୟ ହେବା ପାଇଁ ୧ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ସରକାରୀ ଅଧିକାରୀଙ୍କ ସଦସ୍ୟତା ପାଇଁ ୧୦ ହଜାର ଟଙ୍କା ରଖାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଆସନ୍ତା ଡିସେମ୍ବର ୨୩ରେ ପୁରୀ କ୍ଲବର ନିର୍ବାଚନ କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି। ବୈଠକରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, କ୍ଲବ ସମ୍ପାଦକ ରାଜକିଶୋର ପାତ୍ର, ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ଏସ୍‌ପି ସାର୍ଥକ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପୁରୀ କ୍ଲବ୍‌ର ସଦସ୍ୟ ରହିଛନ୍ତି। କିନ୍ତୁ ବୈଠକରେ ପ୍ରାୟତଃ ତାଙ୍କର ଅନୁପସ୍ଥିତି ଦେଖିବାକୁ ମିଳିଥାଏ। କିନ୍ତୁ ଏହି ବୈଠକରେ ମନ୍ତ୍ରୀଙ୍କ ଉପସ୍ଥିତିକୁ ନେଇ ଆଲୋଚନା ଜୋର୍ ଧରିଛି। ପୁରୀ କ୍ଲବର ନୂତନ ବାଇ ଲ ଓ ନିର୍ବାଚନକୁ ନେଇ ବିବାଦ ଲାଗି ରହିଥିଲାବେଳେ ମାମଲା ଅଦାଲତରେ ପହଞ୍ଚିଥିଲା। ଏପରି କି ତତ୍‌କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପୁରୀ କ୍ଲବ ଜମିକୁ ନେଇ ଏକ ମାମଲା ମଧ୍ୟ ତାଙ୍କ କୋର୍ଟରେ ରୁଜୁ କରିଥିଲେ। ଏସ୍‌ପି, ଜିଲାପାଳଙ୍କ ଉପରେ ଚାପ ସୃଷ୍ଟି କରିବା ଲାଗି ମନ୍ତ୍ରୀଙ୍କୁ ଏଜିଏମ୍‌କୁ ଡକାଯାଇଥିବା ଚର୍ଚ୍ଚା ହେଉଛି। ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ କ୍ଲବ ସମ୍ପାଦକ ରାଜ କିଶୋର ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଆମର ସବୁ ବିବାଦ ତୁଟିଛି। କିନ୍ତୁ ଏ ସମ୍ପର୍କରେ ଗଣମାଧ୍ୟମକୁ କହିବାକୁ ମନା କରାଯାଇଥିବାରୁ ମୁଁ କିଛି କହିପାରିବି ନାହିଁ ବୋଲି ସେ କହିଥିଲେ।

## ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ବାଣ୍ଟିବେ ମୁଖ୍ୟମନ୍ତ୍ରୀ



ଜିଲାପାଳ, ନଗରଉନ୍ନୟନ ସଚିବ ଏବଂ ଅନ୍ୟମାନେ ସମୀକ୍ଷା କରୁଛନ୍ତି।

■ ୬୬୦୦ ବସ୍ତିବାସିନ୍ଦା ପାଇବେ ଜମି ପଟ୍ଟା

■ ୧୫ରେ ତାଳବଣିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

■ ସମୀକ୍ଷା କଲେ ନଗର ଉନ୍ନୟନ ସଚିବ

ପୁରୀ ଅଫିସ, ୧୧।୧୧ :

ଓଡିଶା ବସ୍ତିବାସିନ୍ଦା ଭୂମି ଅଧିକାର ଅଧିନିୟମ ୨୦୧୭ ଅନୁସାରେ ପୁରୀ ସହରର ୬୬୦୦ ବସ୍ତି ବାସିନ୍ଦାଙ୍କୁ ଜମି ପଟ୍ଟା ବଣ୍ଟନ କରାଯିବ। ଆସନ୍ତା ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଗସ୍ତରେ ଆସି ତାଳବଣିଆଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବେ। ଏଥିପାଇଁ ରବିବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି.ମାଥିଭାତିନନ୍ ପୁରୀ ଆସି ସ୍ଥାନୀୟ ସର୍କିଟ ହାଉସଠାରେ କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ସଡକ ପଥରେ ଆସି ପୂର୍ବାହ୍ନ ୧୧ଟା ବେଳେ କାର୍ଯ୍ୟକ୍ରମସ୍ଥଳରେ ପହଞ୍ଚିବେ। ଜମି ପଟ୍ଟା ବଣ୍ଟନ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା (ପଶ୍ଚିମ ଓଡିଶା ଜୋନ୍)ର ଶୁଭାରମ୍ଭ କରିବେ। ଏହି ବରିଷ୍ଠ ନାଗରିକମାନେ ଟିଟିଲାଗଡ଼ରୁ ଟ୍ରେନ ଯୋଗେ ତୀର୍ଥସ୍ଥଳୀକୁ ଯାତ୍ରା କରିବେ। ଅନ୍ୟପକ୍ଷରେ ୧୦ ହଜାର ବସ୍ତିବାସିନ୍ଦାଙ୍କ ପାଇଁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯିବ। ଅକ୍ଷୟ ପାତ୍ର ଫାଉଣ୍ଡେଶନ ଖାଦ୍ୟ ଯୋଗାଇ ଦେବ। ବାଲୁକା ଶିଳ୍ପ, କୁମ୍ଭକାର, ରଘୁରାଜପୁର ପଟଚିତ୍ର ଆଦିକୁ ନେଇ ଏକ ଷ୍ଟଲ କରାଯିବାର ଯୋଜନା ରହିଛି। ଏସବୁର ସମୀକ୍ଷା ପରେ ନଗର ଉନ୍ନୟନ ସଚିବ ତାଳବଣିଆ ଯାଇ କାର୍ଯ୍ୟକ୍ରମସ୍ଥଳରେ ଚାଲିଥିବା ପ୍ରସ୍ତୁତିର ତଦାରଖ କରିଥିଲେ। ପେଣ୍ଠକଟାର ବାଲିପୁର ବସ୍ତିକୁ ଯାଇ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ଓଡିଶା ଅର୍ବାନ ହାଉସିଂ ମିଶନ(ଓୟୁଏଚ୍ଏମ୍)ର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳେଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଅତିରିକ୍ତ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପୁରୀ ତହସିଲଦାର, ବିଡିଓ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନୀଳାଦ୍ରି ସତ୍‌ସଙ୍ଗ ଭକ୍ତ ମଣ୍ଡଳୀଙ୍କ ସାକ୍ଷୀଗୋପାଳ ଦର୍ଶନ

ସାକ୍ଷୀଗୋପାଳ, ୧୧।୧୧ (ଡି.ଏନ୍.ଏ.)

ପ୍ରତିବର୍ଷ ଭଳି ନିଳାଦ୍ରୀ ସତ୍‌ସଙ୍ଗ ଭକ୍ତ ମଣ୍ଡଳୀର ଶତାଧିକ ଶ୍ରଦ୍ଧାଳୁ ରବିବାର ସନ୍ଧ୍ୟାରେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଫଟୋଚିତ୍ର, ବୈରଖ ସହିତ କାର୍ତ୍ତିକ ବ୍ରତ କରିଥିବା ମହିଳା ଓ ପୁରୁଷ ତେଲିଙ୍ଗି ବାଦ୍ୟ, ମହୁରୀ, ଘଣ୍ଟ ବଜାଇ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚିଥିଲେ। ଠାକୁରଙ୍କ ଦର୍ଶନ ସାଙ୍ଗକୁ ପୂଜାର୍ଚ୍ଚନା, ଦୀପଦାନ, ତୁଳସୀ ଓ ଶୁଖିଲା ମାଳତୀ ଫୁଲର ମାଳ ଠାକୁରଙ୍କୁ ଲାଗି କରିଥିଲେ। ସ୍ୱୟଂ ବୃନ୍ଦାବନ ଚନ୍ଦ୍ର ଶ୍ରୀକୃଷ୍ଣ ସାକ୍ଷୀଗୋପାଳରେ ବିରାଜମାନ କରିଥିବାରୁ ମାହାକାର୍ତ୍ତିକରେ ସାକ୍ଷୀଗୋପାଳଙ୍କ ଦର୍ଶନରେ କୋଟିଜନ୍ମର ପୁଣ୍ୟ ମିଳିଥାଏ। ତୁଳସି ଚଉରା ମୂଳରେ କାର୍ତ୍ତିକ ମାହାତ୍ମ୍ୟ ପଠନ ଓ ଶ୍ରବଣ ସହିତ ରାଧା ଦାମୋଦର ବେଶରେ ସାକ୍ଷୀଗୋପାଳଙ୍କ ଦର୍ଶନ ହବିଶ୍ୟାଳୀଙ୍କ ପାଇଁ ଏକ ନିଆରା ଅନୁଭବ ବୋଲି ଶୋଭାଯାତ୍ରାର ନେତୃତ୍ୱ ନେଇଥିବା ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା କହିଥିଲେ। ପରେ ସମବେତ ଭକ୍ତ ମଣ୍ଡଳୀ ମନ୍ଦିର ବେଢ଼ାରେ ଠାକୁରଙ୍କ ପ୍ରିୟ ଭୋଗ ଚୁଡା କଦମ୍ବା, ଚୁଡା ପଖାଳ, କଦଳୀ ଦେଶୀଆଳୁ ଭଜା, ପୁର କାକେରା, ଅମାଲୁ ଓ ଗହମ ଖୀରି ପ୍ରସାଦ ସେବନ କରିଥିବା ଦେଖାଯାଇଥିଲା। ପଣ୍ଡିତ ରଥଶର୍ମାଙ୍କ ସ୍ୱର୍ଗତ ପିତା ପଣ୍ଡିତ ସଦାଶିବ ରଥଶର୍ମା କାର୍ତ୍ତିକରେ ଗୋଟିଏ ଦିନ ବୃନ୍ଦାବନ ଚନ୍ଦ୍ର ମଣିବିଗ୍ରହ ସକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଆସୁଥିବା ପରମ୍ପରା ଚାଲି ଆସୁଛି ବୋଲି କହିଛନ୍ତି।

## ସିଂହଦ୍ୱାର ନିକଟରେ ପଡି ମହିଳା ଭକ୍ତ ଆହତ

ପୁରୀ ଅଫିସ, ୧୧।୧୧ :

ମହାପ୍ରଭୁଙ୍କ ଦର୍ଶନ ଲାଗି ଆସିଥିବା ଗଞ୍ଜାମ ଜିଲା ବ୍ରହ୍ମପୁରର ବିଷ୍ଣୁପ୍ରିୟା ଶତପଥୀ(୫୬) ସିଂହଦ୍ୱାର ନିକଟରେ ରବିବାର ଅପରାହ୍ନରେ ଖୁଣ୍ଟି ତଳେ ପଡି ଯାଇଥିଲେ। ତାଙ୍କ ଡାହାଣ ଗୋଡରେ ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ପୁରୀ ମେଡିକାଲ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ଫେରି ଯାଇଛନ୍ତି।

## ଉଇ ହୁଙ୍କା ମୂଳେ ନାଗଲ ଚଉଠି ବ୍ରତ ପାଳିଲେ ବ୍ରତଧାରୀ



ତେଲୁଗୁ ସଂପ୍ରଦାୟ ମହିଳାମାନେ ଉଇହୁଙ୍କା ନିକଟରେ ପୂଜା କରୁଛନ୍ତି।

ପୁରୀ ଅଫିସ, ୧୧।୧୧:

ରବିବାର ପୁରୀର ବିଭିନ୍ନ ସ୍ଥାନରେ ନାଗ ଚତୁର୍ଥୀ ବା ନାଗଲ ଚଉଠି ବ୍ରତ ପାଳନ କରାଯାଇଛି। କାର୍ତ୍ତିକ ମାସ ଶୁକ୍ଳ ଚତୁର୍ଥୀ ତିଥିରେ ତେଲୁଗୁ ସମ୍ପ୍ରଦାୟର ବ୍ରତଧାରୀ ମହିଳାମାନେ ସନ୍ତାନଙ୍କ ଶୁଭ ମନାସୀ ଥାନ୍ତି। ପୁରୀର ପେଣ୍ଠକଟା ଅଞ୍ଚଳରେ ରହୁଥିବା ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ଏହି ବ୍ରତ ପାଳନ କରିଛନ୍ତି। ଏହି ବ୍ରତର ଦେବତା ହେଉଛନ୍ତି ପିଙ୍ଗଳ ନାଗ। ତେଣୁ ବ୍ରତଧାରୀମାନେ ଦିନ ତମାମ ଉପବାସ ରହିଥିଲେ। ଉଇ ହୁଙ୍କା ନିକଟକୁ ଯାଇ ନାଗ ଦେବତାଙ୍କ ଉଦ୍ଦେଶ୍ୟରେ କ୍ଷୀର ସମର୍ପଣ କରିବା ସହ ଉଇ ହୁଙ୍କାରେ ସିନ୍ଦୂର, କଜ୍ଜ୍ୱଳ, ଚନ୍ଦନ, ଫୁଲ, ଦୀପ, ଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ। କେତେକ ସ୍ଥାନରେ ନାଗ ଦେବତା ସନ୍ତୁଷ୍ଟି ନିମନ୍ତେ ଅଣ୍ଡା ସମର୍ପଣ କରାଯାଇଥିବା ଦେଖିବାକୁ ମିଳିଛି। ପବିତ୍ର କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ନାଗ ଦେବତାଙ୍କୁ ପୂଜା କଲେ ସର୍ପ ଦଂଶନରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ସଜ୍ଜନ ଜିନ୍ଦଲ

ପୁରୀ ଅଫିସ, ୧୧।୧୧:



ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ସାରି ସଜ୍ଜନ ଜିନ୍ଦଲ ଓ ସ୍ତ୍ରୀ ସଙ୍ଗୀତା ଫେରୁଛନ୍ତି।

ଜେଏସ୍‌ଡବ୍ଲୁ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସଜ୍ଜନ ଜିନ୍ଦଲ ରବିବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତାଙ୍କ ସହ ସ୍ତ୍ରୀ ସଙ୍ଗୀତା ଥିଲେ। ସେମାନେ ସିଂହଦ୍ୱାର, ବାଇଶିପାହାଚ ଘଣ୍ଟିଦ୍ୱାର, ନାଟମଣ୍ଡପ ଦେଇ ଜଗମୋହନକୁ ଯାଇ ଭିତର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେଠାରୁ ବେହେରଣ ଦ୍ୱାରଦେଇ ବାହାରି ମୁକ୍ତିମଣ୍ଡପ, ବିମଳା, ଲକ୍ଷ୍ମୀ ମନ୍ଦିରକୁ ଯାଇ ଦର୍ଶନ କରିବା ସହିତ ବେଢା ପରିକ୍ରମା କରିଥିଲେ। କୌଳିକ ପଣ୍ଡା ଗୋରାଚାନ୍ଦ ମହାପାତ୍ରଙ୍କ ଯାତ୍ରୀ ଖାତାରେ ସାଜନ ଦସ୍ତଖତ କରିଥିଲେ। ଏହି ଅବସରରେ ସେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଗଣମାଧ୍ୟମକୁ କହିଥିଲେ ଯେ, ମେକ୍ ଇନ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବା ପୂର୍ବରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ବହୁତ ଖୁସି ଲାଗୁଛି। ଭାରତର ଓଡିଶା ଏକ ମହାନ ଅଙ୍ଗ। ଆଗାମୀ ଦିନରେ ଓଡିଶାର ଆହୁରି ପ୍ରଗତି ହେବ। ସଜ୍ଜନ ଜିନ୍ଦଲଙ୍କୁ ସିଂହଦ୍ୱାର ନିକଟରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାଶ, ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାସ, ଡେପୁଟି କମାଣ୍ଡାଣ୍ଟ (ହୋମଗାର୍ଡ) ଲିଙ୍ଗରାଜ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରି ସ୍ୱାଗତ କରିଥିଲେ। ଅନ୍ୟପକ୍ଷରେ ଜିଲାପାଳ କହିଛନ୍ତି ଯେ, ଶ୍ରୀମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇବା ପାଇଁ ସଜ୍ଜନ ଜିନ୍ଦଲଙ୍କୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିରର ପରିକ୍ରମା ମାର୍ଗ ଏବଂ ବାୟୋ ଟଏଲେଟ୍ ନିର୍ମାଣରେ ସେ ସହଯୋଗ କରିବେ।

## କଂଗ୍ରେସ ହୋର୍ଡିଂ ପୋଡ଼ିବାକୁ ନେଇ ଥାନାରେ ମାମଲା

କଣାସ, ୧୧।୧୧(ସ୍ୱ.ପ୍ର.)

ଲୋକ ସଭା ଓ ବିଧାନସଭା ନିର୍ବାଚନ ତାରିଖ ଯେତିକି ପାଖେଇ ପାଖେଇ ଆସୁଛି ପୁରୀ ଜିଲା ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ରାଜ୍ୟର ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ଗତିବିଧି ବଢ଼ିବାରେ ଲାଗିଛି। ଶନିବାର ବିଳମ୍ବିତ ରାତିରେ କଣାସ ଥାନା ଅନ୍ତର୍ଗତ ଗଡ ବଳଭଦ୍ରପୁର ଗ୍ରାମରେ କଂଗ୍ରେସ ପକ୍ଷରୁ ଲଗାଯାଇଥିବା ଏକ ହୋର୍ଡିଂକୁ ଦୁଇଜଣ ବ୍ୟକ୍ତି ପୋଡିଦେଉଥିବା ବେଳେ ସେଠାରେ ଉପସ୍ଥିତ ଥିବା କେତେକ କଂଗ୍ରେସ ସମର୍ଥକ ଏହାକୁ ବିରୋଧ କରିଥିଲେ। ରବିବାର ହୋର୍ଡିଂ ପୋଡିଥିବା ବ୍ୟକ୍ତିମାନଙ୍କ ନାମରେ କେତେକ କଂଗ୍ରେସ ସମର୍ଥକ କଣାସ ଥାନାକୁ ଆସି ଏତଲା ଦେଇଥିବା ଜଣାପଡିଛି। ଏତଲା ପାଇ କଣାସ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଆସିଛନ୍ତି। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଲାଗି ରହିଛି।

## କୋଣାର୍କରେ ବିଶାଳ ଗଣଦୌଡ଼ ପ୍ରତିଯୋଗିତା

କୋଣାର୍କ, ୧୧।୧୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା, ଶିଳ୍ପ ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ରବିବାର କୋଣାର୍କରେ ଏକ ବିଶାଳ ଗଣଦୌଡ଼ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସକାଳ ୬ଟା୩୦ମିନିଟ ସମୟରେ ସୂର୍ଯ୍ୟମନ୍ଦିର ଫାଟକ ସମ୍ମୁଖରେ ପ୍ରତିଯୋଗିତାକୁ ପୁରୀ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ଼ରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ବଟେଶ୍ୱର ଉଚ୍ଚ ବିଦ୍ୟାଳୟ, କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ ଉଚ୍ଚ ବିଦ୍ୟାଳୟ, କୋଣାର୍କ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ କ୍ରୀଡାଛାତ୍ରାବାସର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା କୋଣାର୍କ ସୂର୍ଯ୍ୟମନ୍ଦିରର ମୁଖ୍ୟଫାଟକରୁ ଆରମ୍ଭ ହୋଇ ଦୀର୍ଘ ୩କିମି ଚନ୍ଦ୍ରଭାଗା ଦେଇ ପ୍ରତିଯୋଗୀମାନେ ଭାରତୀୟ ତୈଳ ପ୍ରତିଷ୍ଠାନର ମୁଖ୍ୟ ଫାଟକରେ ପହଞ୍ଚିଥିଲେ। ବ୍ୟାଖାନାକେନ୍ଦ୍ର ପରିସରରେ ବାଳିକା ଓ ବାଳକ ବିଭାଗରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କ ସମେତ ଅଂଶଗ୍ରହଣକାରୀଙ୍କୁ ଅତିରିକ୍ତ ଜିଲାପାଳ ଦାଶ ଟ୍ରଫି ପ୍ରଦାନ କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଗଣଦୌଡ କାର୍ଯ୍ୟକ୍ରମରେ ପୁରୀ ଜିଲା ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ଜେନା, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ୍, ଶ୍ରୀନିବାସ, ରାଜ୍ୟକ୍ରୀଡା ଓ ଯୁବସେବା କାର୍ଯ୍ୟକ୍ରମ ଅଧିକାରୀ ହରିଶ ମିଶ୍ର, କୋଣାର୍କ ଥାନାଧିକାରୀ ସଞ୍ଜୀବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଗଣଦୌଡକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ମହାପ୍ରଭୁଙ୍କୁ ପ୍ରଥମଥର ଦର୍ଶନ କରିବେ ମୁକେଶ ଅମ୍ବାନୀ

■ ଶ୍ରୀମନ୍ଦିର ୨ଥର ଆସିଛନ୍ତି ଭାଇ ଅନିଲ ଅମ୍ବାନୀ

■ ୧୯୫୯ରେ ଆସିଥିଲେ ବାପା ଧୀରୁଭାଇ

■ ଶ୍ରୀମନ୍ଦିର ବିକାଶ ପାଇଁ ସହଯୋଗ ଲୋଡ଼ିବ ପ୍ରଶାସନ

ପୁରୀ ଅଫିସ, ୧୧।୧୧:

ଭୁବନେଶ୍ୱରରେ ରବିବାରଠାରୁ ଆରମ୍ଭ ହୋଇଛି ମେକ୍ ଇନ ଓଡ଼ିଶା କନକ୍ଲେଭ। ଏଥିରେ ଯୋଗଦେବା ଅବସରରେ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ଓ ତାଙ୍କ ପୁଅ ଅନନ୍ତ ଅମ୍ବାନୀ ସୋମବାର ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ମୁକେଶ ପ୍ରଥମଥର ମହାପ୍ରଭୁଙ୍କ ଦର୍ଶନ ଲାଗି ପୁରୀ ଆସୁଥିବା ତାଙ୍କ କୌଳିକ ପଣ୍ଡା ରଘୁନାଥ ଗୋଚ୍ଛିକାର କହିଛନ୍ତି। ରଘୁନାଥ ଗୋଚ୍ଛିକାର ହେଉଛନ୍ତି ଗୁଜରାଟର କୌଳିକ ପଣ୍ଡା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ସେ ମହାପ୍ରଭୁଙ୍କ ଦର୍ଶନ କରାଇଥିଲେ। ମୁକେଶ ଅମ୍ବାନୀ ଶ୍ରୀମନ୍ଦିର ଆସୁଥିବା ଜାଣିବା ପରେ ସେ ଉତ୍ସାହିତ ହୋଇପଡିଛନ୍ତି। ଆମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ରଘୁନାଥ କହିଛନ୍ତି, ମୁକେଶଙ୍କ ଭାଇ ଅନିଲ ଅମ୍ବାନୀ ୨୦୦୬ ଜୁଲାଇ ୨୧ ଓ ୨୦୦୯ ଅଗଷ୍ଟ ୩୦ରେ ଦୁଇଥର ଶ୍ରୀମନ୍ଦିରକୁ ଆସିଛନ୍ତି। ମୁକେଶ ଏବଂ ଅନିଲଙ୍କ ବାପା ଧୀରୁଭାଇ ଅମ୍ବାନୀ ୧୯୫୯ରେ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେହିଭଳି ଜେଜେବାପା ଅର୍ଥାତ୍ ଧୀରୁଭାଇ ଅମ୍ବାନୀଙ୍କ ବାପା ହୀରାଚାନ୍ଦ ଗୋବର୍ଦ୍ଧନ ଦାସ ମଧ୍ୟ ଶ୍ରୀମନ୍ଦିରକୁ ଆସିଥିଲେ। ତେବେ ମୁକେଶଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବା ଓ ଶ୍ରୀମନ୍ଦିର ପରିଦର୍ଶନ ସମୟରେ ତାଙ୍କ ସହ ରହିବାକୁ ରଘୁନାଥ ଗୋଚ୍ଛିକାର ଜିଲା ପ୍ରଶାସନକୁ ଅନୁମତି ମାଗିଛନ୍ତି। ସେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ଯାତ୍ରୀ ପୁସ୍ତିକା ଦେଖାଇ ଅନୁମତି ମାଗିଥିବା ଜଣାପଡିଛି। ରାଷ୍ଟ୍ରପତିଙ୍କ ଗସ୍ତ ପରଠାରୁ ଭିଆଇପି ଦର୍ଶନକୁ ନେଇ ବିବାଦ ଲାଗି ରହିଛି। ଏପରିସ୍ଥଳେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ମୁକେଶଙ୍କୁ ଦର୍ଶନ କରାଇବାକୁ କୌଳିକ ପଣ୍ଡା ରଘୁନାଥଙ୍କୁ ଅନୁମତି ଦେଉଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, ସୋମବାର ପୂର୍ବାହ୍ନରେ ମୁକେଶ ଅମ୍ବାନୀ ହେଲିକପ୍ଟର ଯୋଗେ ଆସି ତାଳବଣିଆ ହେଲିପ୍ୟାଡ୍‌ରେ ଓହ୍ଲାଇ ଶ୍ରୀମନ୍ଦିରକୁ ଯିବେ। ପୁଅ ଅନନ୍ତ ସଡକ ପଥରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ଆଗକୁ ମୁକେଶ ଅମ୍ବାନୀଙ୍କ ଝିଅ ବାହାଘର ରହିଛି। ତେଣୁ ସେ ଝିଅ ବାହାଘର କାର୍ଡ ମହାପ୍ରଭୁଙ୍କୁ ଦେଇପାରନ୍ତି ବୋଲି କୁହାଯାଉଛି। ପୂର୍ବରୁ ଏଥିପାଇଁ ମୁକେଶ ବଦ୍ରିନାଥ ଯାଇ ପୂଜାର୍ଚ୍ଚନା କରିଥିଲେ। ତେବେ ମହାପ୍ରଭୁଙ୍କୁ ବାହାଘର ନିମନ୍ତ୍ରଣପତ୍ର ଦେବା ସମ୍ପର୍କରେ ପ୍ରଶାସନ ନିକଟରେ କୌଣସି ସୂଚନା ନାହିଁ। ଅନ୍ୟପକ୍ଷରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି ଯେ, ମୁକେଶ ଅମ୍ବାନୀଙ୍କୁ ଶ୍ରୀମନ୍ଦିରର ବିକାଶ ପ୍ରସ୍ତାବ ସଂକ୍ରାନ୍ତରେ ଅବଗତ କରାଯିବା ସହ ଏ ଦିଗରେ ସହଯୋଗ କରିବାକୁ ଅନୁରୋଧ କରାଯିବ।



ମନୁଷ୍ୟ କୌଣସି ବିଷୟରେ ଏକାଗ୍ର ଚିତ୍ତ ହୋଇ ତାହାରି ପାଇଁ ପାଗଳ ହେଲେ ସେଥିରେ ସେ ସିଦ୍ଧି ଲାଭ କରେ।

-ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ସାଲେପୁର/କଣ୍ଟାପଡା ୧୧।୧୧(ଡି.ଏନ.ଏ.): ସାଲେପୁର ବ୍ଲକ ବିଜେଡି ପକ୍ଷରୁ ଦ୍ୱୀପାଞ୍ଚଳର ତରିତୋ ଓ ରଟିଲୋ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଜେଡି ନେତା ପ୍ରଶାନ୍ତ ବେହେରା ଯୋଗଦେଇ ଘରଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ତରିତୋ ପଞ୍ଚାୟତର ଗୋଠମିରା ଗ୍ରାମର ଝାଙ୍କଡେଇ ପୀଠରୁ ଆରମ୍ଭ ହୋଇ ରଟିଲୋ ପଞ୍ଚାୟତରେ ଶେଷ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ବ୍ଲକ୍ ବିଜୁ ଯୁବବାହିନୀ ସଭାପତି ବିଶ୍ୱଜିତ୍ ଚାଟାର୍ଜୀ, ଯୁବନେତା କେଦାରଶନ ସାହୁ, ରଟିଲୋ ସରପଞ୍ଚ ସୁଜାତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବାଟୀ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବିଜେଡି ସଭାପତି ରବିନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ବ୍ରାହ୍ମଣବାଟୀ ସରପଞ୍ଚ ଗାୟତ୍ରୀ ରାଉତରାୟ, ସମିତିସଭ୍ୟା ଦୀପ୍ତିମୟୀ ପାତ୍ର, କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ଜିଲା ପରିଷଦ ସଭ୍ୟ କୈଳାସ ମହାରଣା, ସୁବ୍ରତ ପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଏହି ପଦଯାତ୍ରା ସାନମୂଳାଇ, ବଡବିଲି ଓ ବ୍ରାହ୍ମଣବାଟୀ ଗ୍ରାମ ପରିକ୍ରମା କରିବା ପରେ ବଡମୂଳାଇ ମା' ମଙ୍ଗଳା ମନ୍ଦିର ପରିସରରେ ଏହାର ଉଦ୍ଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କର୍ମୀମାନେ ପ୍ରଚାରପତ୍ର ବାଣ୍ଟି ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ।

### ୧୪ରେ ଡାୟାଲିସିସ୍ ସେଣ୍ଟର ଉଦ୍‌ଘାଟନ

ନରସିଂହପୁର,୧୧।୧୧(ଡି.ଏନ.ଏ.): ନରସିଂହପୁର ଆଞ୍ଚଳିକ ଡାକ୍ତରଖାନା ପରିସରରେ ଆସନ୍ତା ୧୪ ତାରିଖରେ ଏକ ଡାୟାଲିସିସ୍ ସେଣ୍ଟର ଉଦ୍‌ଘାଟନ ହେବ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଭୂତି ଭୂଷଣ ନାୟକ ଏହି ସୂଚନା ଦେଇଛନ୍ତି। ଡା. ନାୟକ ରବିବାର ଆଞ୍ଚଳିକ ଡାକ୍ତରଖାନାରେ ପହଞ୍ଚି ଡାୟାଲିସିସ୍ ସେଣ୍ଟରର ବିଭିନ୍ନ କାର୍ଯ୍ୟକୁ ତଦାରଖ କରିଥିଲେ। ବର୍ତ୍ତମାନ ଏଠାରେ ଏକାକାଳୀନ ୩ କିଡ୍‌ନୀ ରୋଗୀଙ୍କ ଡାୟାଲିସିସ୍ ହୋଇପାରିବ। ଏନସିଡି ଓ ଏସ୍‌ସିବି ମେଡିକାଲ କଲେଜ ନେଫ୍ରୋଲୋଜି ବିଭାଗର ସହଯୋଗ କ୍ରମେ ଏହି ସେଣ୍ଟର ପ୍ରତିଷ୍ଠା ହୋଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ପ୍ରଫେସର ଚିତ୍ତରଞ୍ଜନ କର, ଡା. ନିଶିଥ ମହାନ୍ତି ପ୍ରମୁଖ ଯୋଗଦେବେ। ନରସିଂହପୁର ଚିକିତ୍ସା ଅଧିକାରୀ ଡା. ବାଚସ୍ପତି ଦାଶ ସୂଚନା ଦେଇ କହିଛନ୍ତି, ଏହି ଡାୟାଲିସିସ୍ ସେଣ୍ଟର ଲୋକାର୍ପିତ ହେଲେ ସ୍ଥାନୀୟ ଲୋକେ ଉପକୃତ ହେବେ।

### ମହିଳାଙ୍କ ଉପରେ ଗରମ ପାଣି ଢାଳି ଜଣେ ଗିରଫ

ସାଲେପୁର,୧୧।୧୧(ଡି.ଏନ୍.ଏ.): ଦୁଇ ପଡୋଶୀ ମହିଳାଙ୍କ ମଧ୍ୟରେ କୋଶଳା ଶାଗ ପାଇଁ ପାଟିତୁଣ୍ଡ ହେବା ପରେ ଜଣେ ମହିଳା ଅନ୍ୟ ଜଣଙ୍କ ଉପରକୁ ଗରମ ପାଣି ଢ଼ାଳି ଦେଇଛନ୍ତି। ଏଥିରେ ମହିଳା ଜଣଙ୍କ ଆହତ ହୋଇଥିବାବେଳେ ଗରମ ପାଣି ଢାଳିଥିବା ମହିଳାଙ୍କୁ ପୋଲିସ ଗିରଫ କରିଛି। ରବିବାର ସାଲେପୁର ଥାନା ଅଞ୍ଚଳରେ ଏହି ଘଟଣା ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ମାଛୁଆତି ଗ୍ରାମ ନଈଗୁଆଁ ରୋଡ୍‌ର ରଞ୍ଜନ ସ୍ୱାଇଁଙ୍କ ଘରେ ଜନାର୍ଦ୍ଦନପୁର ଗ୍ରାମର ପ୍ରଭଞ୍ଜନ ଶତପଥୀ ଓ ଛୋଟିପଡ଼ା ଗ୍ରାମର ଆଦିତ୍ୟ ମହାପାତ୍ର ସପରିବାରେ ଭଡ଼ା ସୂତ୍ରରେ ରହୁଥିଲେ। ଆଦିତ୍ୟଙ୍କ ସ୍ତ୍ରୀ ପ୍ରଣତି ବାଡିରେ ବୁଣିଥିବା କୋଶଳା ଶାଗ ନଷ୍ଟ ହୋଇଯାଇଥିବା ଦେଖି ଏଥିପାଇଁ ପ୍ରଭଞ୍ଜନଙ୍କ ସ୍ତ୍ରୀ ଦୀପ୍ତିମୟୀଙ୍କୁ ଦାୟୀ କରି ପାଟି କରିଥିଲେ। ଏହାକୁ ନେଇ ଦୁଇ ମହିଳାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପ୍ରଣତି ଉତ୍‌କ୍ଷିପ୍ତ ହୋଇ ଦୀପ୍ତିମୟୀଙ୍କ ଉପରେ ଗରମ ପାଣି ଢ଼ାଳି ଦେବାରୁ ସେ ଆହତ ହୋଇଥିଲେ। ଏନେଇ ସେ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ. ୨୬୩/୧୮ରେ ରୁଜୁ କରିବା ସହ ପ୍ରଣତିଙ୍କୁ ଗିରଫ କରିଛି।

# ଭଗ୍ନ ଅବସ୍ଥାରେ ବିଶ୍ୱାବସୁ ଗୁମ୍ଫା

ପ୍ରମୋଦ ରାଉତ

ନରସିଂହପୁର,୧୧।୧୧(ଡି.ଏନ.ଏ.)



**ନରସିଂହପୁର ବ୍ଲକ**

- ପର୍ଯ୍ୟଟକଙ୍କ ପାଦ ପଡୁନାହିଁ
- ପାହାଡ଼ ଉପରେ ପ୍ରଭୁ ଗୋପୀନାଥଙ୍କ ଭଗ୍ନ ମନ୍ଦିର ବିଦ୍ୟମାନ
- ଗୁମ୍ଫାରେ ପ୍ରଭୁ ନୀଳମାଧବଙ୍କ ପୂଜକ ବାସ କରୁଥିଲେ

ନରସିଂହପୁର ବ୍ଲକର ରଷିପଡ଼ା ଗ୍ରାମ ନିକଟରେ ପୌରାଣିକ କିମ୍ବଦନ୍ତୀ ବହନ କରି କାହିଁ କେଉଁ ଆବହନ କାଳରୁ ରହି ଆସିଛି ରଷିଧର ପାହାଡ଼ର ବିଶ୍ୱାବସୁ ଗୁମ୍ଫା। ଏହି ଗୁମ୍ଫା ଏବେ ଭଗ୍ନ ଅବସ୍ଥାରେ ପଡିରହିଛି। ଯେଉଁ ଗୁମ୍ଫାରେ ଦିନେ ପର୍ଯ୍ୟଟକଙ୍କ ଗହଳି ଲାଗି ରହୁଥିଲା ତାହା ଏବେ ଖାଁଖାଁ ଲାଗୁଛି। ସେଠାକୁ ପର୍ଯ୍ୟଟକଙ୍କ ପାଦ ପଡୁନାହିଁ। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ପାହାଡ଼ ଉପରେ ଥିବା ବଗିଚା, ପାନୀୟଜଳ ଓ ପାବଚ୍ଛ ଗୁଡିକ ନଷ୍ଟ ହୋଇଯାଇଛି। ଫଳରେ ପର୍ଯ୍ୟଟକ ଏହି ପୌରାଣିକ ସ୍ଥଳ ପ୍ରତି ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି। କଟକ-ନରସିଂହପୁର ମୁଖ୍ୟରାସ୍ତାକୁ ରଷିପଡ଼ା ଛକଦେଇ କାନପୁର ଯାଇଥିବା ସଡ଼କ ପଥରେ ୨କି.ମି. ଗଲେ ରାସ୍ତା ପାଖରେ ପଡ଼େ ଏହି ପାହାଡ଼। ୫୦୦ ଏକର ପରିମିତ ପାହାଡ଼ଟି ବୃହତ୍ତ ପ୍ରସ୍ତର ଖଣ୍ଡରେ ପରିପୂର୍ଣ୍ଣ। ପାହାଡ଼ ତଳୁ ୧୦୦ ମିଟର ପଥର ନିର୍ମିତ ପାବଚ୍ଛ ଦେଇ ଉପରକୁ ଗଲେ ପଡ଼େ ବିଶ୍ୱାବସୁ ଗୁମ୍ଫା। ପାହାଡ଼ର ଉପରି ଭାଗରେ ରହିଛି ବିରାଟ ସମତଳ ଅଞ୍ଚଳ। ସେଠାରେ ବିଭିନ୍ନ ଫଳଫୁଲ ତଥା ଔଷଧୀୟ ଗୁଳ୍ମ ରାଜିରେ ପରିପୂର୍ଣ୍ଣ ବିଭିନ୍ନ କିସମର ବୃକ୍ଷରାଜି ରହିଛି। ଏହି ସମତଳ ଅଞ୍ଚଳକୁ ଲାଗି ୧୦୦ ମିଟରର ବିରାଟ ପ୍ରସ୍ତର ଖଣ୍ଡ ଉପରେ ପାଣିର ବୃହତ୍ତ କୁଣ୍ଡ ରହିଛି। ପର୍ଯ୍ୟଟକ ବର୍ଷର ସବୁ ସମୟରେ ଏହି କୁଣ୍ଡ ପାଣି ବ୍ୟବହାର କରିବା ସହିତ ଏଠାରେ ବିଶ୍ରାମ ନେଇଥାନ୍ତି। ପାହାଡ଼ ତଳେ ଥିବା ରଷିପଡ଼ା ଗ୍ରାମର ତତ୍‌କାଳୀନ ନରସିଂହପୁର ରାଜା ଚୁଟିଆସିଂହ ପୂର୍ବ ଗଡଜାତ ବଡମ୍ବା ତଥା ମହାନଦୀ ସେ ପାଖେ ଥିବା କଣ୍ଟିଲୋ ଅଞ୍ଚଳର ଶତ୍ରୁଙ୍କୁ ଦମନ କରିବା ପାଇଁ ପାଇକ ସୈନ୍ୟଙ୍କୁ ଏହି ପାହାଡ଼ରେ ସଜାଗ ରଖିଥିଲେ। ରଷିପଡା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଗୋପୀନାଥଦେବଙ୍କ ପୂଜାସ୍ଥଳଭାବେ ଏହି ପାହାଡ ଉପରେ ମନ୍ଦିର ନିର୍ମାଣ କରି ଗ୍ରାମବାସୀ ଓ ସୈନ୍ୟମାନେ ପୂଜାର୍ଚ୍ଚନା କରୁଥିଲେ। ତାହାର କିମ୍ବଦନ୍ତୀ ବହନ କରି ବର୍ତ୍ତମାନ ପାହାଡ ଉପରେ ପ୍ରଭୁ ଗୋପୀନାଥଙ୍କ ଭଗ୍ନ ମନ୍ଦିର ବିଦ୍ୟମାନ। ପରବର୍ତ୍ତୀ ସମୟରେ ପାହାଡ ଉପରୁ ତଳକୁ ଠାକୁରଙ୍କୁ ଗ୍ରାମବାସୀ ଆଣି ଏକ ମନ୍ଦିର ନିର୍ମାଣ କରି ପୂଜା ଅର୍ଚ୍ଚନା କରୁଛନ୍ତି। ପାହାଡର ଉତ୍ତର ଦିଗରେ ରହିଛି ବିରାଟ ମଧୂବନ ବଗିଚା। ଏଥିରେ ଆମ୍ବ, ପିଜୁଳି, ଡାଳିମ୍ବ ଆଦି ଅନେକ ଗଛ ରହିଛି। ଏ ସମ୍ପର୍କରେ ରଷିପଡ଼ା ଗ୍ରାମର ବାଇମନ ନାୟକ କୁହନ୍ତି, ପୂର୍ବ ପୁରୁଷଙ୍କଠାରୁ ଶୁଣିଛୁ ଏହି ଗୁମ୍ଫାରେ ପ୍ରଭୁ ନୀଳମାଧବଙ୍କ ପୂଜକ ବିଶ୍ୱାବସୁ ଶବର ବାସ କରୁଥିଲେ। ଗୁମ୍ଫା ଭିତରୁ ଏକ ବୃହତ୍ତ ସୁଡ଼ଙ୍ଗ ପଥ ମହାନଦୀ କୂଳ ପର୍ଯ୍ୟନ୍ତ ଲମ୍ବିଛି। ଶବର ରାଜା ଏହି ସୁଡ଼ଙ୍ଗ ଦେଇ ମହାନଦୀ କୂଳକୁ ଲୁଚିଲୁଚି ଯାଆନ୍ତି। ସେଠାରୁ ନଦୀ ପାରହୋଇ ପ୍ରଭୁ ନୀଳମାଧବଙ୍କୁ ପୂଜାକରି ଫେରନ୍ତି। ଫଳରେ ଏହି ଗୁମ୍ଫାର ନାମ ବର୍ତ୍ତମାନ ବିଶ୍ୱାବସୁ ଗୁମ୍ଫା ନାମରେ ସମଗ୍ର ଅଞ୍ଚଳରେ ପରିଚିତ। ଏବେ ବି ବହୁ ଐତିହାସିକ ଗୁମ୍ଫା ଭିତରକୁ ଯାଇ ସୁଡଙ୍ଗ ପଥର ସନ୍ଧାନକରି ଫେରି ଯାଇଛନ୍ତି। ୧୫ବର୍ଷତଳେ ଏହି ଗୁମ୍ଫା ବହୁ ସାଧୁସନ୍ନ୍ୟାସୀଙ୍କ ବାସସ୍ଥଳୀ ଥିଲା। ରାତ୍ରିର ନିର୍ଜନ ପ୍ରହରରେ ଗୁମ୍ଫାରୁ ବଂଶୀର ସ୍ୱନ ଭାସି ଆସୁଥିବା ପାହାଡ ତଳେଥିବା ଲୋକେ ପ୍ରକାଶ କରିଛନ୍ତି। ଗ୍ରାମର ନବ ନାୟକ କୁହନ୍ତି, ପାଣ୍ଡବଙ୍କ ବନବାସ ସମୟରେ ଏହି ପାହାଡରେ ପାଞ୍ଚଭାଇ ଆତ୍ମଗୋପନ କରିଥିବା ଆମେ କିମ୍ବଦନ୍ତୀ ଶୁଣିଛୁ। ପାହାଡ ଉପର ପାଣି ସଂଗ୍ରହ ପାଇଁ ଭୀମ ସେନ ଆଣ୍ଠୁରେ ଭରାଦେଇ ଏକ ବୃହତ୍ତ ପ୍ରସ୍ତର ଖଣ୍ଡ ପାର ହୋଇଥିଲେ। ଆଣ୍ଠୁ ଲଗାଇ ପଥରରେ ଉଠିବା ସମୟରେ ଭୀମଙ୍କ ଆଣ୍ଠୁ ଚିହ୍ନର ସ୍ମାରକ ସଦୃଶ ୫୦ଫୁଟ ଉଚ୍ଚର ଏହି ପ୍ରସ୍ତର ଖଣ୍ଡରେ ବର୍ତ୍ତମାନ ସୁଦ୍ଧା ଭୀମଙ୍କ ଆଣ୍ଠୁ ଚିହ୍ନ ରହିଥିବା ଲୋକ ମୁହଁରେ ଶୁଣାଯାଏ। ଏହି ବୃହତ୍ତ ପ୍ରସ୍ତରକୁ ଲୋକେ ଭୀମ ଚଢା ପ୍ରସ୍ତର ନାମରେ ନାମିତ କରିଛନ୍ତି। ଏଭଳି ପୌରାଣିକ ପ୍ରସିଦ୍ଧି ଲାଭ କରିଥିବା ଗୁମ୍ଫାସହିତ ପ୍ରାକୃତିକ ବୃକ୍ଷରାଜୀରେ ପରିପୂର୍ଣ୍ଣ ପର୍ଯ୍ୟଟନ ପୀଠର ପୁନରୁଦ୍ଧାର ପାଇଁ ସରକାରଙ୍କ ଉଦ୍ୟମ ଆବଶ୍ୟକ ହୋଇଛି। ତେଣୁ ଗୁମ୍ଫାକୁ ପଡିଥିବା ପଥର ନିର୍ମିତ ପାବଚ୍ଛ ଶ୍ରେଣୀକୁ ସିମେଣ୍ଟ ପାବଚ୍ଛ ନିର୍ମାଣ, ଉପରି ଭାଗରେ ଥିବା ସମତଳ ଅଞ୍ଚଳରେ ବଗିଚା ନିର୍ମାଣ, ପର୍ଯ୍ୟଟକଙ୍କ ଲାଗି ପାହାଡ ଉପରକୁ ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା, ପରିତ୍ୟକ୍ତ ଅବସ୍ଥାରେ ରାଜରାଜୁଡା ଅମଳରୁ ନିର୍ମିତ ଗୁମ୍ଫାର ପୁନଃନିର୍ମାଣ ସହିତ ରକ୍ଷଣାବେକ୍ଷଣ ଦାୟିତ୍ୱ ସରକାର ବହନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନରସିଂହପୁର ବିଡିଓ ପ୍ରଶାନ୍ତ କୁମାର ତରାଇ କହିଛନ୍ତି, ଗ୍ରାମବାସୀଙ୍କ ଦାବି ଅନୁସାରେ ବ୍ଲକ ପକ୍ଷରୁ ମୁଖ୍ୟରାସ୍ତାରୁ ଗୁମ୍ଫା ପର୍ଯ୍ୟନ୍ତ ୧ ଲକ୍ଷ ଟଙ୍କା ବ୍ୟୟରେ ଢଳେଇ ରାସ୍ତା ସହ କିଛି ପାବଚ୍ଛ ନିର୍ମାଣ କରାଯାଇଛି। ବିଦ୍ୟୁତ୍ ଓ ପାନୀୟ ଜଳ ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ପର୍ଯ୍ୟଟନ ବିଭାଗକୁ ଚିଠି ଲେଖାଯାଇଛି। ଅନୁମୋଦନ ଆସିଲେ ତାହା ଶୀଘ୍ର ପୂରଣ ହେବ।

### ବିଜେଡିରେ ଯୋଗଦେଲେ ସ୍ୱାଧୀନ ପ୍ରାର୍ଥିନୀ

ମାହାଙ୍ଗା,୧୧।୧୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ବାସୁଦେବପୁର ପଞ୍ଚାୟତରେ ଗତ ପଞ୍ଚାୟତ ନିର୍ବାଚନରେ ସ୍ୱାଧୀନଭାବେ ଲଢି ପରାଜିତ ହୋଇଥିବା ସମିତିସଭ୍ୟା ପ୍ରାର୍ଥିନୀ ରାଜଲକ୍ଷ୍ମୀ ସ୍ୱାଇଁ ରବିବାର ବିଜେଡିରେ ଯୋଗଦାନ କରିଛନ୍ତି। ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଦୃଢ ନେତୃତ୍ୱ ଓ ନବୀନ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟ ପ୍ରତି ସମର୍ଥନ ଜଣାଇ ସେ ଏହି ଦଳରେ ସାମିଲ ହୋଇଥିବା କହିଛନ୍ତି। ଅଭୟ ବିଶ୍ୱାଳ ଓ ଶ୍ରୀକାନ୍ତ ଦାସଙ୍କ ନେତୃତ୍ୱରେ ଗୌଡ଼ପଡ଼ା ଡାକବଙ୍ଗଳାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭିକାରୀ ଚରଣ ସ୍ୱାଇଁ, ଶରତ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ହରେକୃଷ୍ଣ ସୁନ୍ଦରା, ଗୌତମ ଶରଣ ଓ ପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରୋମ୍ ଚୋରି, ଯୁବକ ଗିରଫ

ଖୁଣ୍ଟୁଣୀ, ୧୧।୧୧(ଡି.ଏନ୍.ଏ.)

ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ କାରଖାନାରୁ କ୍ରୋମ ଚୋରି କରିବା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ସ୍ଥାନୀୟ ସିଡୁଲିଆ ସାହିର ଶ୍ରୀକାନ୍ତ ବେହେରାଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଶନିବାର ରାତିରେ ସେ କ୍ରୋମ ଚୋରି କରି ପଳାଉଥିବାବେଳେ କାରଖାନାର ସିକ୍ୟୁରିଟି ଗାର୍ଡ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ତାଙ୍କଠାରୁ ଦେଢ କୁଇଣ୍ଟାଲ ଓଜନର କ୍ରୋମ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୨/୧୮) ରୁଜୁ ହୋଇଛି।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ତିଗିରିଆ,୧୧।୧୧(ଡି.ଏନ.ଏ.)

ତିଗିରିଆ ବ୍ଲକ ଅଧୀନ ଜେମାଦେଈପୁରସ୍ଥିତ କ୍ଷେତ୍ରମୋହନ ଚୌଧୁରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ତିଗିରିଆ ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଜେମାଦେଈପୁର ବିଜୁ ଯୁବବାହିନୀ ସଭାପତି ନିଗମାନନ୍ଦ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗବତ ପୃଷ୍ଟି ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜୁ ଯୁବ ବାହିନୀ ସମ୍ପାଦକ ଅଞ୍ଜୁମ ଖାଁ, କୋଷାଧ୍ୟକ୍ଷ ସମୀର କୁମାର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସଫେଇ କର୍ମଚାରୀଙ୍କୁ ତାଲିମ

ବାଙ୍କୀ,୧୧।୧୧(ବି.ପ୍ର.)

ବାଙ୍କୀ ଏନଏସିର ସଫେଇ କର୍ମଚାରୀଙ୍କୁ ଅଧିକ କ୍ରୀୟାଶୀଳ, ସହଯୋଗୀ ଓ କୌଶଳୀ କରିବା ଉଦ୍ଦେଶ୍ୟରେ ଏକ ତାଲିମ ଶିବିର ଏନଏସି ବାତ୍ୟା ଆଶ୍ରୟସ୍ଥଳୀଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ ଉପସ୍ଥିତ ରହି ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କଟକ ଜିଲାସ୍ତରୀୟ ପ୍ରଶିକ୍ଷକ ତଥା ପରିମଳ ବୈଷୟିକ ରାଜ୍ୟ ସଂଯୋଜକ ଦୀପକ ରଞ୍ଜନ ନାୟକ, ପ୍ରଶିକ୍ଷିକା ରଶ୍ମିରେଖା ମହାନ୍ତି ଓ ପ୍ରବୀଣ ଲାବଣ୍ଡେ ଟିମ ଲିଡର ଭାବେ ଉପସ୍ଥିତ ରହି ୩୫ଜଣ ସଫେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ସହିତ ପାରମ୍ପରିକ ସଫେଇ ପରିବର୍ତ୍ତେ ନୂତନ ପଦ୍ଧତି ମାଧ୍ୟମରେ କିଭଳି ଶୀଘ୍ର, ସହଜ ଓ ପରିଷ୍କାର ଭାବେ ସହରବାସୀଙ୍କୁ ସଫେଇ ସେବା ଦେଇହେବ ସେ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ସଫେଇ ସମୟରେ ଗ୍ଲୋବସ୍, ଜୋତା, ହେଲମେଟ୍ ଓ ମାସ୍କ ବ୍ୟବହାର କରି ସୁରକ୍ଷିତ ଏବଂ ନିରାପଦ ସେବା ପ୍ରଦାନର କୌଶଳ ପ୍ରଦାନ କରିଥିଲେ। ସଫେଇ ସୁପରଭାଇଜର ବିଜୟ କୁମାର ରାଜ, ନାରଣ ମହାପାତ୍ର, ରାମଚନ୍ଦ୍ର ମଙ୍ଗୁଆଳ, ରୁଦ୍ର ପତି ଓ କୁବେର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ନଦୀକୁ ଡେଇଁ ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ ଅଫିସ୍, ୧୧।୧୧

ପୁରୀଘାଟ ଥାନା ଅନ୍ତର୍ଗତ ଖୋଲାସାହି ଅଞ୍ଚଳର ଜଣେ ନାବାଳିକା ରବିବାର ଅପରାହ୍ନରେ ବୀରୂପା ବ୍ରିଜ୍ ଉପରୁ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ଜଣୈକା ସାମାଜିକ କର୍ମୀ ତାଙ୍କୁ ଉଦ୍ଧାର କରିଛନ୍ତି। ନିର୍ଯାତନା ସହି ନ ପାରି ନାବାଳିକା ଜଣଙ୍କ ପୁରୀଘାଟ ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ପୋଲିସ ସାହାଯ୍ୟ ନ କରିବାରୁ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି। ଘଟଣାସ୍ଥଳରେ ଜଗତ୍‌ପୁର ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ପରେ ଶିଶୁ ସୁରକ୍ଷା କମିଟିରେ ଛାଡିଥିବା ଜଣାପଡିଛି। ନାବାଳିକାଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ତାଙ୍କ ମା' ଓ ମାମୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶେଷରେ ନିର୍ଯାତନା ସହି ନ ପାରି ଶନିବାର ସକାଳେ ସେ ଘର ଛାଡି ପଳାଇ ଆସିଥିଲେ। ସ୍ଥାନୀୟ ଅଞ୍ଚଳରେ ବୁଲୁଥିବାବେଳେ ତାଙ୍କର ଜଣେ ବନ୍ଧୁଙ୍କ ସହ ଦେଖା ହୋଇଥିଲା। ସେ ତାଙ୍କୁ ନେଇ ତାଙ୍କ ଘରେ ଶନିବାର ରାତିରେ ଆଶ୍ରୟ ଦେଇଥିଲେ। ରବିବାର ସକାଳେ ନାବାଳିକା ଜଣଙ୍କ ତାଙ୍କ ବନ୍ଧୁଙ୍କ ଘରୁ ଆସି ପୁରୀଘାଟ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କୁ କୌଣସି ସାହାଯ୍ୟ କରି ନ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଥାନାରେ ଥିବା ଜଣେ ପୋଲିସ କର୍ମଚାରୀ ଥାନାରେ ବାବୁ ନ ଥିବା କହି ତାଙ୍କୁ ୫୦୦ ଟଙ୍କା ଦେଇ ଯେଉଁଠୁ ଆସିଥିଲୁ ସେଠାକୁ ପଳାଇଯିବାକୁ କହିଥିଲେ। ସେ ପୋଲିସ ଠାରୁ ନିରାଶ ହେବା ପରେ ବୀରୂପା ବ୍ରିଜ୍ ଉପରକୁ ଯାଇ ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ସେଠାରେ ସାମାଜିକ କର୍ମୀ ମୋନାଲିଶା ଦାସ ତାଙ୍କୁ ଉଦ୍ଧାର କରି ପୋଲିସକୁ ଜଣାଇଥିଲେ। ହେଲେ ଘଟଣାସ୍ଥଳରେ ପୋଲିସ ବିଳମ୍ବରେ ପହଞ୍ଚିବା ପରେ ନାବାଳିକାଙ୍କୁ ଶିଶୁ ସୁରକ୍ଷା କମିଟିର ଜିମା ଦିଆଯାଇଥିବା ମୋନାଲିସା କହିଛନ୍ତି। ଏ ନେଇ ପୁରୀଘାଟ ଥାନାଧିକାରୀ ରଶ୍ମିରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପୃକ୍ତ ନାବାଳିକା ଜଣଙ୍କ ଆଦୌ ଥାନାକୁ ଆସିନାହାନ୍ତି। ସେ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ପରିବାର ଲୋକେ ରବିବାର ସକାଳେ ଥାନାରେ ଅଭିଯୋଗ କରିଥିଲେ।

## ଚାଷୀଙ୍କୁ ବାଦାମ ବିହନ ବଣ୍ଟନ

ତିଗିରିଆ,୧୧।୧୧(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ।

ତିଗିରିଆ ବ୍ଲକ ଅଧୀନ ଭିରୁଡ଼ା ପଞ୍ଚାୟତରେ ରବିବାର ବିଭିନ୍ନ ସରକାରୀ ଗୃହ ଉଦ୍‌ଘାଟନ ଓ ଚାଷୀଙ୍କୁ ବାଦାମ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଭିରୁଡ଼ା ପଞ୍ଚାୟତର ଗୋଡ଼ିଝରିଆରେ ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଣୀଧନ ସହାୟକ କେନ୍ଦ୍ର ଏବଂ ଭିରୁଡ଼ା ଗ୍ରାମଠାରେ କୃଷି ସମବାୟ ସମିତି କାର୍ଯ୍ୟାଳୟର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ଭିରୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ସ୍ୱାଇଁଙ୍କ ସହ ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡ଼ା, ସରପଞ୍ଚ ପ୍ରେମରଞ୍ଜନ ମହାମାନସିଂହ, ସମିତିସଭ୍ୟା ଗୀତାଞ୍ଜଳି ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଲିକ, ନୂଆପାଟଣା ସେବା ସମବାୟ ସମିତିର ସଭାପତି ପ୍ରକାଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ଯୋଜନାରେ ତିଗିରିଆ ଆତ୍ମା ପକ୍ଷରୁ ଅଚଳକୋଟ ଏବଂ ଭିରୁଡ଼ା ପଞ୍ଚାୟତର ୯୮ଜଣ ଚାଷୀଙ୍କୁ ବାଦାମ ବିହନ ବଣ୍ଟନ କରାଯାଇଥିଲା। ଚାଷୀ ଜଣ ପିଛା ୨୦କିଲୋ ଲେଖାଏ ଥିବା ବାଦାମ ବିହନ ପ୍ୟାକେଟ ନେଇଥିଲେ।

## ଭାଜପାର ଯୁବ ଅଧିକାର ସଂଘର୍ଷ ପଦଯାତ୍ରା ଶୁଭାରମ୍ଭ

ସାଲେପୁର,୧୧।୧୧(ଡି.ଏନ.ଏ.)

ସାଲେପୁର ବ୍ଲକ ସତ୍ୟଭାମାପୁର ପଞ୍ଚାୟତସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠରୁ ରବିବାର ସ୍ଥାନୀୟ ଭାଜପା ପକ୍ଷରୁ ଯୁବ ଅଧିକାର ସଂଘର୍ଷ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ଓଡ଼ିଆ ଯୁବପିଢ଼ିଙ୍କୁ ରୋଜଗାର ଦାବିରେ ଏହି ପଦଯାତ୍ରାର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ଠାକୁର ରଣଜିତ୍ ଦାସ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ନୟନକିଶୋର ମହାନ୍ତି, କାଳନ୍ଦୀ ସାମଲ, ସତ୍ୟବାଦୀ ଚଇନି, ଚୌଧୁରୀ ହେମନ୍ତ କୁମାର ସାହୁ, ଶାରଦା ପ୍ରଧାନ, ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅସିତ୍ ମହାନ୍ତି, ଯୁବନେତା ରଶ୍ମିରଞ୍ଜନ ଲେଙ୍କା, ଚନ୍ଦ୍ରାଦେଈପୁର ପଞ୍ଚାୟତ ଭାଜପା ମଣ୍ଡଳ ସଭାପତି ତଥା ସରପଞ୍ଚ ଅନିଲ କୁମାର ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ। ପଦଯାତ୍ରା ଭୁବନେଶ୍ୱର କଳ୍ପନା ଛକଠାରେ ଅବସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ପୁରାତନ ଛାତ୍ର ସଂଘର କାର୍ଯ୍ୟକାରିଣୀ ବୈଠକ

ମାହାଙ୍ଗା,୧୧।୧୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତ ଶୁକ୍ଳେଶ୍ୱରସ୍ଥିତ ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂଘର ନୂତନ ସଭାପତି ତଥା ଅନୁଗୋଳ ଜିଲାପାଳ ଅନୀଲ କୁମାର ସାମଲଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ପରେ ତାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସଭାପତି ଲୋକନାଥ ଦାସ, ପୂର୍ବତନ ସମ୍ପାଦକ ପ୍ରଶାନ୍ତ କାନୁନ୍‌ଗୋ, ପ୍ରଧାନଶିକ୍ଷକ ଦେବେନ୍ଦ୍ର ନାଥ ସ୍ୱାଇଁ ଯୋଗ ଦେଇଥିବାବେଳେ ସମ୍ପାଦକ ଅରୁଣ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ମନୋରଞ୍ଜନ ମିଶ୍ର, ମନୋଜ ମିଶ୍ର, ଜୟନ୍ତ ଦାସ, ଭୂବନାନନ୍ଦ ସାହୁ, ଚୌ. ରବିନ୍ଦ୍ର ଶରଣ, ସ୍ନେହାଞ୍ଜଳି ସାହୁ, ଦୀପକ ତ୍ରିପାଠୀ, ଭାରତ ଭୂଷଣ ପଟ୍ଟନାୟକ, ଚନ୍ଦ୍ର ଶେଖର ପ୍ରଧାନ, ମହେନ୍ଦ୍ର ମହାନ୍ତି, ସର୍ବେଶ୍ୱର ଶତପଥୀ, କିଶୋର ଚନ୍ଦ୍ର ଦାଶ, ତାପସ ରଞ୍ଜନ ବିଶ୍ୱାଳ, ଚିତ୍ତରଞ୍ଜନ ରାଉତ, ଅଶୋକ ସ୍ୱାଇଁ, ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ଉନ୍ନତୀ ଏବଂ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ମତବ୍ୟକ୍ତ କରିଥିଲେ। ଶେଷରେ ରଜନୀକାନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

■ ସରକାରୀ ରିଟେଲର ସଂଘ ବୈଠକ

## ଦାବି ପୂରଣ ନ ହେଲେ ବିକ୍ଷୋଭ

ବାଙ୍କୀ,୧୧।୧୧(ସ୍ୱ.ପ୍ର.)



ବୈଠକରେ ଯୋଗ ଦେଇଥିବା ସଂଘ କର୍ମକର୍ତ୍ତା।

ରାଜ୍ୟ ସରକାରୀ ଖୁଚୁରା ରିଟେଲର ମହାସଂଘ ଆହ୍ୱାନ କ୍ରମେ କଟକ ଜିଲା ରିଟେଲର ସଂଘର ସାଧାରଣ ପରିଷଦ ବୈଠକ ବାଙ୍କୀ ଉପଖଣ୍ଡ ବ୍ରହ୍ମେଇଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ନଗେନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ବୈଠକରେ ରିଟେଲର୍‌ଙ୍କ ଉପରେ ଲାଗୁ କରାଯାଇଥିବା କଠୋର ନିୟମକୁ ପ୍ରତ୍ୟାହାର କରାଯିବା ସହ ସେମାନଙ୍କ ସମସ୍ୟା ପ୍ରତି ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଥିଲା। ସମସ୍ତ ରିଟେଲର୍‌ଙ୍କୁ ସରକାରୀ ସ୍ୱୀକୃତି ସହ ସ୍ଥାୟୀ ନିଯୁକ୍ତି, ବିଦ୍ୟୁତ୍ ବିଲ୍, ଗୋଦାମଗୃହ ଭଡ଼ା ପ୍ରଦାନ, ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ୍ କରିବା, ୨୦୧୯ ସୁଦ୍ଧା ସମସ୍ତ ଘରୋଇ ରିଟେଲରଙ୍କୁ ଉଚ୍ଛେଦ ପ୍ରକ୍ରିୟା ତୁରନ୍ତ ବନ୍ଦ କରିବା ଏବଂ ବକେୟା ଟଙ୍କା ପ୍ରଦାନ କରିବା ଆଦି ୫ଦଫା ଦାବି ନେଇ ଅଲୋଚନା କରାଯାଇଥିଲା। ୧୫ଦିନ ମଧ୍ୟରେ ଏହି ଦାବିଗୁଡିକ ପୂରଣ କରା ନ ଗଲେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲା ରିଟେଲର ସଂଘ ସଭାପତି ପ୍ରଦୀପ କୁମାର ଦାଶ୍ ସ୍ୱାଗତ ଭାଷଣ ଦେଇ ରିଟେଲରଙ୍କ ଦାବି ସମ୍ପର୍କରେ ଅଲୋଚନା କରି ଉପସ୍ଥିତ ସଭ୍ୟଙ୍କୁ ଅବଗତ କରାଇଥିଲେ। ଜିଲାର ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, କଟକ ସଦର, ନରସିଂହପୁର, ବଡ଼ମ୍ବା, ତିଗିରିଆ, ଆଠଗଡ, ବାଙ୍କୀ, ଡମପଡ଼ା ବ୍ଲକ୍ ଓ ବାଙ୍କୀ ଏନଏସି ଅଞ୍ଚଳର ସମସ୍ତ ରିଟେଲର ଯୋଗଦେଇ ଅଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବାଙ୍କୀ ରିଟେଲର ଆସୋସିଏଶନ ସଭାପତି ବୃନ୍ଦାବନ ସାହୁ ଧନ୍ୟବାଦ ଦେଇଥିଲେ।



ମରିଯିବା ବ୍ୟକ୍ତି ଯେପରି ଫେରି ଆସେ ନାହିଁ; ଠିକ୍ ସେହିପରି ଥରେ ମୁହଁରୁ ବାହାରିଯିବା କଥା ଆଉ ଲେଉଟେ ନାହିଁ। ତେଣୁ କହିବା ପୂର୍ବରୁ ଭଲଭାବେ ଭାବିଚିନ୍ତି କୁହ।

- ସିରିଡି ସାଇବାବା



## ଢିପ ଜାଗାରେ ଅଧିକ ଅମଳ ଲୋଭ

# ପାଣି ଅଭାବରୁ ଫାଟିଲାଣି ଜମି

**ଖୋର୍ଦ୍ଧା ଅଫିସ,୧୧।୧୧**

ଅଧିକ ଅମଳର ଲୋଭ କରି ଢ଼ିପ ଜମିରେ ଚାଷୀ ବଡଧାନ କରିଥିଲେ। ହେଲେ ଅକ୍ଟୋବରରେ ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବର୍ଷା ହୋଇଥିଲା। ଏହାପରେ ବର୍ଷା ଉଭାନ ଧାନ ଫସଲକୁ ବିପତ୍ତି ଡାକି ଆଣିଛି। ପୂଜା, ୧୦୦୯, ସ୍ୱର୍ଣ୍ଣ ମସୁରି, ସ୍ୱର୍ଣ୍ଣ ସବ ୱାନ ପରି ବଡଧାନ କରିଥିବା ଅଧିକାଂଶ ଚାଷୀ ଏହି କ୍ଷତିର ସମ୍ମୁଖୀନ ହୋଇଛନ୍ତି। ବର୍ଷା ଅଭାବରୁ ଜମି ଫାଟିବା ଆରମ୍ଭ ହୋଇଛି। କେଉଁଠି ଫୁଲ ଉଡାଉଛି ତ ଆଉ କେଉଁଠି ଏଯାବତ ଫୁଲ ଉଡାଇନି ଧାନ। ଏଭଳିସ୍ଥଳେ ପାଣି ଅଭାବ ଚାଷୀ ପାଇଁ ଚିନ୍ତାର କାରଣ ପାଲଟିଛି। ଏଣୁ ଚାଷୀ ବାଧ୍ୟ ହୋଇ ମୋଟର ସାହାଯ୍ୟରେ ଜମିରେ ପାଣି ମଡାଉଛନ୍ତି। ଯଦି ସପ୍ତାହକ ମଧ୍ୟରେ ବର୍ଷା ନ ହୁଏ ତେବେ ଧାନର ମାନ ଓ ଅମଳ ଉପରେ ପ୍ରଭାବ ପକାଇବ। ତେବେ ଜଳସେଚିତ ଜମି ଅଞ୍ଚଳରେ ପାଣି ସଙ୍କଟ ଦେଖାଦେଇନି। ମିଳିଥିବା ସୂଚନା



କାଇପଡ଼ାଠାରେ ମୋଟର ଯୋଗେ ଜମିକୁ ପାଣି ମଡ଼ାଯାଉଛି।

ଅନୁସାରେ, ଢ଼ିପ ଜମିରେ ବଡ ଧାନ ହୋଇଥିବା କେତେକ ଜମିରୁ ଧାନ କଟା ଆରମ୍ଭ ହୋଇଛି। ଆଉ କେତେକ ଜମିରେ ମରୁଡି ହେବାକୁ ଯାଉଛି। ଖୋର୍ଦ୍ଧା ବ୍ଲକର କାଇପଦର, ବେଗୁନିଆ ବ୍ଲକର ସିକୋ, ହଜ, ଡିଙ୍ଗର, ରାଧାନାଥପୁର, ବୋଲଗଡ ବ୍ଲକର ବୋଲଗଡ ସମେତ କେତେକ ଧାନ ଜମି ଏବେ ଫାଟିବା ଆରମ୍ଭ ହୋଇଛି। ଏ ସମସ୍ୟା ଖୋର୍ଦ୍ଧା, ଟାଙ୍ଗୀ ଓ ଭୁବନେଶ୍ୱର କୃଷି ଜିଲାର ଢ଼ିପ ଜମିରେ ଦେଖା ଦେଇଛି। ଏ ନେଇ ନିଧିପୁରର ପ୍ରମୋଦ ରାଉତରାୟ, ହଜର ଗୁଣନିଧି ବଳିଆର ସିଂ କୁହନ୍ତି, ଫୁଲ ଉଡାଇ ନ ଥିବା ଜମି ବେଶି କ୍ଷତି ହେବ। ଫୁଲ ଉଡାଇଥିବା ଧାନ ଗଛରେ ପାଣି ମଡାଇବା ପରେ ଧାନ ଅମଳ ହେବ। ତେବେ ଅମଳ ଓ ମାନରେ ପ୍ରଭାବ ପକାଇବ ବୋଲି ଚାଷୀମାନେ କହିଛନ୍ତି।

- ଧାନ ଫସଲକୁ ବଞ୍ଚାଇବାକୁ ମଡାଗଲାଣି ପାଣି
- ରବି ଫସଲରେ ଉପୁଜିବ ବାଧା
- ବର୍ଷା ନ ହେଲେ ଧାନର ମାନ, ଅମଳ ପ୍ରଭାବିତ ହେବ

ବର୍ଷା ନ ହେବା କାରଣରୁ ରବି ଫସଲ ପ୍ରଭାବିତ ହେବ। କାରଣ ଅଧିକାଂଶ ଧାନ କଟା ହୋଇଥିବା ଜମିରେ ମୁଗ, ବରି, କୋଳଥ ପରି ରବି ଫସଲ କରିବା ପାଇଁ ପାଗ ନାହିଁ। କେତେକ ଜମିରେ ପାଗ ଅଛି ଅଥଚ ଧାନ କଟା ଯାଇନାହିଁ। ଧାନ କଟାଯିବା ପରେ ପାଗ ରହୁଛି କି ନାଁ କହି ହେବ ନାହିଁ। ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବର୍ଷା ଚାଷୀଙ୍କ ପାଇଁ କ୍ଷତି ସାବ୍ୟସ୍ତ କରିଛି। କାରଣ ଏହା ପରେ ବର୍ଷା ଉଭେଇ ଯାଇଛି।





ଯାଁଳାଠାରେ ବିଜେଡି ଜନସମ୍ପର୍କ ପଦଯାତ୍ରାରେ ନେତା ଓ କର୍ମୀମାନେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଯାଁଳା,୧୧।୧୧(ଡି.ଏନ.ଏ)**

ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ବିଭିନ୍ନ ଗ୍ରାମରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଥିଲା। ସେହିପରି ଆମ ଗାଁ ଆମ ବିକାଶ ଯୋଜନାରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ହେବାକୁ ଥିବା ଗୋଷ୍ଠୀକେନ୍ଦ୍ର, ରାସ୍ତା ଓ ବିଭିନ୍ନ ପ୍ରକଳ୍ପର ଶୁଭ ଦିଆଯାଇଥିଲା। ଖୋର୍ଦ୍ଧା ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇ ଏହାକୁ ଶୁଭ ଦେଇଥିଲେ। ଏଥିରେ ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ପରିଷଦ ସଦସ୍ୟ ଅଜିତ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୀପକ ଜେନା, ସମ୍ପୃକ୍ତ ପଞ୍ଚାୟତର ସମିତି ସଭ୍ୟ ନାଭିଦିତ୍ୟ ମଙ୍ଗରାଜ, ପ୍ରଦୀପ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ଅମୀୟ ଦଳେଇ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ତେବେ ପଞ୍ଚାୟତର ରାଧାଚରଣପୁର ଗ୍ରାମରେ ଏକ ଗୋଷ୍ଠୀକେନ୍ଦ୍ରର ଶୁଭ ଦେବା ଅବସରରେ ସାମାନ୍ୟ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ପ୍ରଦୋଷ ଜେନା ଓ ତାଙ୍କ ସମର୍ଥକମାନେ ମୁହଁରେ କଳାପଟି ବାନ୍ଧି ଶୁଭ ଦେବା ସ୍ଥାନର ଅଳ୍ପ ଦୂରରେ ଧାରଣାରେ ବସି ବିରୋଧ କରିଥିଲେ। ତାଙ୍କୁ ଡକାଯାଇ ନ ଥିବା ଓ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାକୁ ରାଜନୀତୀକରଣ କରାଯାଉଥିବା ଅଭିଯୋଗ କରି ଏପରି ପ୍ରତିବାଦ କରାଯାଇଥିବା ସରପଞ୍ଚ ପ୍ରଦୋଷ କହିଛନ୍ତି। ତେବେ ଆୟୋଜକମାନଙ୍କ ଅନୁରୋଧକ୍ରମେ ଧାରଣାରୁ ଉଠି ସରପଞ୍ଚ ଓ ତାଙ୍କ ସମର୍ଥକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆଜି ଶ୍ରୀମନ୍ଦିରରେ ହରିହର ବେଶ

**ପୁରୀ ଅଫିସ,୧୧।୧୧ :** ଶ୍ରୀମନ୍ଦିରରେ ସୋମବାର ହରିହର ବେଶ ଅନୁଷ୍ଠିତ ହେବ। ଅବକାଶ ନୀତି ପରେ ବଡଠାକୁର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ବଡଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ଏହି ବେଶରେ ହରି (ବିଷ୍ଣୁ) ଓ ହର (ଶିବ)ଙ୍କ ଆତ୍ମୀୟତା ପ୍ରସ୍ଫୁଟିତ ହୋଇଥାଏ। ତେଣୁ ବଡଠାକୁର ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ଦିଶିବା ସହ ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। କାର୍ତ୍ତିକ ମାସର ଦୀପାବଳି ଅମାବାସ୍ୟାଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାର ପଡିଲେ ବଡଠାକୁରଙ୍କ ବାଡରେ ହରିହର ବେଶ ହେବାର ବିଧି ରହିଛି। ଚଳିତ ବର୍ଷ ଦୀପାବଳି ଅମାବାସ୍ୟା ପରେ ୧୨ ତାରିଖ ସୋମବାର ପଡୁଛି।

### କାଟିନେଲେ ଶାଗୁଆନ ଗଛ

**ବେଗୁନିଆ,୧୧।୧୧ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡଭଙ୍ଗା, ବେତରଜଙ୍ଗ ସେବା ସମବାୟ ସମିତି ଲିଃ ପରିସରରୁ ଗତ ମଙ୍ଗଳବାର କେହି ଜଣେ ବ୍ୟକ୍ତି ଗୋଟିଏ ଶାଗୁଆନ ଗଛ କାଟି ନେଇଯାଇଥିବା ସିକୋ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ କେବଳ ତଦନ୍ତ ଚଳାଇଛି ବୋଲି ବାହାନା ଦେଖାଇ କୌଣସି ପଦକ୍ଷେପ ନେଉନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ମୁତାବକ ଉକ୍ତ ସମିତି ପରିସରରେ ଥିବା ୪ ଫୁଟ ଗୋଲେଇ ଓ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଗଛଟିର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ଗଛଟିକୁ ଜୋର ଜବରଦସ୍ତ ବେତରଜଙ୍ଗ ଗ୍ରାମର ଜଣେ ବ୍ୟକ୍ତି ଲୁଟି ନେଇ ଯାଇଛନ୍ତି। ହେଲେ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନତଃ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସମିତିର ସଭାପତି ମମତା ବେହୁରା ଦାବି କରୁଛନ୍ତି।

### ସାମ୍ବାଦିକ ୟୁନିୟନର କର୍ମକର୍ତ୍ତା ନିର୍ବାଚନ

**ଖୋର୍ଦ୍ଧା ଅଫିସ,୧୧।୧୧:** ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗର ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲା ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଗତ ୨ ବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବା ପରେ ୨୦୧୯-୨୦ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଉମାଶଙ୍କର ପ୍ରସାଦ, ସାଧାରଣ ସମ୍ପାଦକ ପ୍ରସନ୍ନ ପାଇକରାୟ, ଉପସଭାପତି ରାଜେଶ ମହାନ୍ତି ଓ ଲୋହିତ ନାରାୟଣ ମହାପାତ୍ର, ସହସମ୍ପାଦକ ରମେଶ ଚନ୍ଦ୍ର ସାହୁ ଓ ସୟଦ ଅନସର ଅଲ୍ଲୀ ନିର୍ବାଚିତ ହୋଇଛନ୍ତି। ସେହିଭଳି ଅନ୍ୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି।

### ଜାତୀୟ ଶିକ୍ଷା ଦିବସ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୧୧(ଡି.ଏନ.ଏ.):** ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ପାଇ ନ ଥିଲେ ମଧ ରବିବାର ଟାଙ୍ଗୀ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶିକ୍ଷା ସଚେତନତା ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ ଆଜାଦ୍‌ଙ୍କ ଜୟନ୍ତୀ ସ୍ମରଣ ନିମନ୍ତେ ଏହି ଦିନଟିକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି।

### ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ

**ବେଗୁନିଆ,୧୧।୧୧ (ଡି.ଏନ.ଏ.):** ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୩ ଦଫା ଦାବି ନେଇ ସୋମବାର ବେଗୁନିଆ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ। ଏଥିସହ ଆସନ୍ତା ୧୫ ତାରିଖରେ ଥାନା ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ରବିବାର ପ୍ରସ୍ତୁତି ବୈଠକ ଆଲୋଚନା ହୋଇଥିଲା। ଜନକଲ୍ୟାଣ ପ୍ରତିଷ୍ଠାନର ଉପଦେଷ୍ଟା ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଦନ ମୋହନ ସାହୁ, ମନୋଜ ମହାପାତ୍ର, ସୁରେଶ ଚନ୍ଦ୍ର ମାନସିଂହ, ବଂଶୀଧର ପଣ୍ଡା, ଅକ୍ଷୟ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଶବର କପ ଫୁଟ୍‌ବଲ ଉଦ୍‌ଘାଟିତ

# ମା' ମଙ୍ଗଳା କ୍ଲବ ବିଜୟୀ



ଖେଳର ଏକ ଦୃଶ୍ୟ।

**ଯାଁଳା,୧୧।୧୧(ଡି.ଏନ.ଏ.)**

ଯାଁଳାଠାରେ ରାଧାରମଣପୁର ଖେଳ ପଡିଆରେ ୨୧ ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ମା' ମଙ୍ଗଳା କ୍ଲବ କଟକ ୧-୦ ଗୋଲ୍‌ରେ ଫ୍ରେଣ୍ଡସ ପାରାଡାଇଜ ଜଟଣୀକୁ ହରାଇଛି। ଏହି ମ୍ୟାଚରେ ମା' ମଙ୍ଗଳା କ୍ଲବ ପକ୍ଷରୁ ପ୍ରଥମାର୍ଦ୍ଧର ୭ ମିନିଟ୍‌ରେ ୧୯ ନମ୍ବର ଜର୍ସି ଖେଳାଳି ଦୀନବନ୍ଧୁ ଦାଶ ଗୋଲ ଦେଇଥିଲେ। ସେହିପରି ଦଳର ସନାତନ ଲାହୋର ଠିକ୍ ସମୟରେ ପାସ ଦେଇଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ଖେଳରେ ରେଫରି ଭାବେ ଶିବ ପ୍ରସାଦ ଦାଶ, ଲାଇନ୍‌ମ୍ୟାନ ଦିବ୍ୟଜ୍ୟୋତି ସିଂ ଦାୟିତ୍ୱ ତୁଲାଇଥିଲେ।

## ନୂତନ ଟ୍ରେନ୍ ଗାର୍ଡଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନୂତନ ଟ୍ରେନ୍ ଗାର୍ଡଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

**ଜଟଣୀ,୧୧।୧୧(ଡି.ଏନ.ଏ)**

ଖୋର୍ଦ୍ଧାରୋଡ଼ ରେଳ ଡିଭିଜନରେ ନୂତନ ଭାବେ ନିଯୁକ୍ତି ପାଇଥିବା ୨୦ରୁ ଅଧିକ ଟ୍ରେନ୍ ଗାର୍ଡଙ୍କୁ ସ୍ୱାଗତ ଜଣାଇବାକୁ ଏଠାରେ ରବିବାର ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଟଣୀ ନିକଟବର୍ତ୍ତୀ ବରପଦାସ୍ଥିତ ମା' ଯୋଗମାୟା ମନ୍ଦିର ପରିସରରେ ଅଲ୍ ଇଣ୍ଡିଆ ଗାର୍ଡ କାଉନ୍‌ସିଲ ଖୋର୍ଦ୍ଧାରୋଡ ଡିଭିଜନ ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଗାର୍ଡ କାଉନ୍‌ସିଲର ସନ୍ତୋଷ ନିଶଙ୍କ, ଅନିଲ କୁମାର ସାହୁ, ଡି. ଭି.ଆର୍. ମୂର୍ତ୍ତି ନୂତନ ଗାର୍ଡମାନଙ୍କୁ ସ୍ୱାଗତ ଜଣାଇଥିଲେ। ରେଲୱେର ସେଫ୍‌ଟି କାଉନ୍‌ସିଲର ବୁଦ୍ଧଦେବ ଦେହୁରୀ ନୂତନ ନିଯୁକ୍ତି ପାଇଥିବା ଗାର୍ଡମାନଙ୍କୁ ନିରାପତ୍ତା ଓ ବିଭିନ୍ନ ନିୟମ ଉପରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ।

## ଲିଫ୍ଟ ଦେବା ମହଙ୍ଗା ପଡିଲା

**ଖୋର୍ଦ୍ଧା ଅଫିସ, ୧୧।୧୧:** ଲିଫ୍ଟ ଦେବା ମହଙ୍ଗା ପଡ଼ିଛି। ହେଲେ ଲିଫ୍ଟ ମାଗି ବାଇକ୍ ଚୋରି କରିଥିବା ଦୁର୍ବୃତ୍ତଙ୍କ କୌଶଳ ଧରା ପଡ଼ିଯାଇଛି। ବାଇକ୍ ମାଲିକ ଲିଫ୍ଟ ମାଗିଥିବା ଯୁବକଙ୍କୁ ଚିହ୍ନଟ କରି ଚୋରି ବାଇକ୍ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ପୁରୀ ଜିଲା କଣାସ ବ୍ଲକ ଗଡିଶାଗଦା ଗାଁର ବିଶ୍ୱ ମୋହନ ମହାରଥୀ ବାଇକ୍‌ରେ ନିଜ ଗାଁରୁ ଖୋର୍ଦ୍ଧାର ସୂତାକଳ କଲୋନୀକୁ ଅକ୍ଟୋବର ୨୪ରେ ଆସୁଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବାଜପୁରର ବ୍ରଜ ଗୋପାଳ ପଟ୍ଟନାୟକ ବସ ଅପେକ୍ଷାରେ ରହି ବିଶ୍ୱଙ୍କୁ ଲିଫ୍ଟ ମାଗିଥିଲେ। ପାତ୍ରପଡା ଯିବାକୁ ଥିବା ବ୍ରଜ ବାଇକ୍ ଚୋରାଇବା ଉଦ୍ଦେଶ୍ୟରେ ସୂତାକଳ କଲୋନୀ ପର୍ଯ୍ୟନ୍ତ ବିଶ୍ୱଙ୍କ ସହ ଯାଇଥିଲେ। ସେଠାରେ ବାଇକ୍ ରଖି ବିଶ୍ୱ ଭଉଣୀ ଘରକୁ ଯାଇଥିବାବେଳେ ପାତ୍ରପଡା ନ ଯାଇ ବ୍ରଜ ସେଠାରେ ଅଟକି ରହି ବାଇକ୍ ଚୋରାଇ ନେଇଥିଲେ। ବାଇକ୍ ଚୋରି ନେଇ ବିଶ୍ୱ ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୩୧/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## ବିଜେଡି କର୍ମୀ ସମ୍ମିଳନୀ

**ଜଟଣୀ,୧୧।୧୧(ଡି.ଏନ.ଏ):** ଜଟଣୀ କୁଦିଆରୀ ମେଳଣ ପଡ଼ିଆରେ ବିଜେଡି ପକ୍ଷରୁ ରବିବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜଟଣୀର ପୂର୍ବତନ ବିଧାୟକ ସ୍ୱର୍ଗତ ଶରତ ପାଇକରାୟଙ୍କ ପୁଅ ସୁରଜ ପାଇକରାୟଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳାପୁରୁଷ ଯୋଗଦେଇଥିଲେ। ସୁରଜ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

# ୪ ମହିଳାଙ୍କ ସମେତ ୫ ଗିରଫ

## ଲୁଟ୍ ସୁନା ଅଳଙ୍କାର, ନଗଦ ଟଙ୍କା ଜବତ

**ବାଲୁଗାଁ,୧୧।୧୧(ଡି.ଏନ.ଏ.)**

ଜଣେ ମହିଳାଙ୍କ ଘରୁ ଅକ୍ଟୋବର ୩୦ରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟ୍ ହୋଇଥିବା ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବାବେଳେ ରବିବାର ଲୁଟ୍‌ରେ ସମ୍ପୃକ୍ତ ଥିବା ୪ମହିଳା ଓ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଲୁଟ୍ ସୁନା ଅଳଙ୍କାର ଓ ନଗଦ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲୁଗାଁ ଗୋପବନ୍ଧୁ ନଗରର ଟିକିନା ମହାରଣା(୩୦) ଓ ଅମୁଲି ସାହୁ(୪୦), କାଇଁଚପୁର ସାହିର ଅନ୍ନପୂର୍ଣ୍ଣା ପ୍ରଧାନ(୫୦) ଓ ଦିବ୍ୟଲୋଚନ ବେହେରା(୫୦) ଏବଂ ପାଟଣାରେଡ଼ିକା ସାହିର କୁନ୍ତି ମହାରଣା(୪୫) ।

ଗତ ୩୦ତାରିଖ ପୂର୍ବାହ୍ନ ୧୧ଟାରେ ବାଲୁଗାଁ ପାଟଣାରେଡ଼ିକା ସାହିର ପବିତ୍ର ତରାଇଙ୍କ ଅନୁପସ୍ଥିତିରେ ସ୍ତ୍ରୀ ପୁଷ୍ପଲତା ଘରେ ଏକାକୀ ଥିବାବେଳେ ଟିକିନା ଓ ଅମୁଲି ଶାଗ ମାଗିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ପୁଷ୍ପଲତା ଶାଗ ଆଣିବା ପାଇଁ ଅମୁଲିଙ୍କୁ ନେଇ ବାରିପଟକୁ ଯାଇଥିଲେ । ଏହି ସମୟରେ ଟିକିନା ତାଙ୍କ ଘର ଖଟ ତଳେ ଲୁଚି ଯାଇଥିଲେ। ଶାଗ ତୋଳି ସାରିବା ପରେ ପୁଷ୍ପଲତା ବାରିପଟ କବାଟ ଦେଇ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ। ଏତିକିବେଳେ ଟିକିନା ଘର ମଧ୍ୟରେ ଥିବା ଆଲମିରାରୁ ନଗଦ ଦେଢ଼ ଲକ୍ଷ ଟଙ୍କା ସହ ୧୫ ଗୋଟି ସୁନା ମୁଦି, ସୁନାହାର, ସୁନାଚେନ, ସୁନା କାନଫୁଲ ୪ହଳ, ନାକଫୁଲ ୨ହଳ, ରୁପା ପାଉଁଜି ୨୦ହଳ, ବ୍ରେସ୍‌ଲେଟ ୨ଟି ଓ ୬ଗୋଟି ରୁପା ମୁଦି ଲୁଟି ନେଇ ବାରିପଟ କବାଟ ଖୋଲି ଚାଲି ଯାଇଥିଲା। ପୁଷ୍ପଲତା ଘରକୁ ଆସିବା ପରେ ସୁନାରୁପା ଆଦି ଲୁଟ ହୋଇଥିବା ଜାଣିପାରି ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୁଷ୍ପଲତାଙ୍କ ଘର ନିକଟରେ ଥିବା ରବି ସୁବୁଦ୍ଧିଙ୍କ ସିସିଟିଭି ଫୁଟେଜ୍‌କୁ ଆଧାର କରି ଲୁଟିରାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଟିକିନାଙ୍କୁ ଗିରଫ କରିବା ପରେ ଲୁଟ୍ ସାମଗ୍ରୀଗୁଡ଼ିକୁ ସେ ଅନ୍ନପୂର୍ଣ୍ଣା, ଦିବ୍ୟଲୋଚନ ଓ କୁନ୍ତିଙ୍କ ମଧ୍ୟରେ ବାଣ୍ଟିଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ଏ ନେଇ ୧୨୭/୧୮ରେ ମାମଲା ରୁଜୁ ହୋଇଥିବାବେଳେ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ୍ ନାମଞ୍ଜୁର ହେବାରେ ସମସ୍ତଙ୍କୁ ଜେଲ୍ ପଠାଯାଇଥିବା ପୋଲିସ୍ ପ୍ରକାଶ କରିଛି।



ଜବତ ସାମଗ୍ରୀ ସହିତ ଗିରଫ ଅଭିଯୁକ୍ତମାନେ।

## ଫୁଟବଲ୍: ସମାନ ପଏଣ୍ଟ ପାଇଲେ ଦୁଇ ଦଳ

**ଖୋର୍ଦ୍ଧା ଅଫିସ,୧୧।୧୧:** ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଛି ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ। କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ରବିବାର ମ୍ୟାଚ ଡ୍ର ରହିଛି। ଏଣୁ ମିଲନ୍ ୟୁଥ୍ କ୍ଲବ ମୁକୁନ୍ଦପ୍ରସାଦ ଓ ରାଇଜିଂ ଷ୍ଟାର ତରତୁଆ ଗୋଟିଏ ଲେଖାଏ ପଏଣ୍ଟ ପାଇ ସମାନ ସ୍ତରରେ ରହିଛନ୍ତି। ମନୋରଞ୍ଜନ ଖୁଣ୍ଟିଆ ଖେଳ ପରିଚାଳନା କରିଥିବାବେଳେ ରବିନାରାୟଣ ରଣା, ଅରୁଣ ଦାସ ଓ ଦାନିୟଲ ନାଏକ ସହଯୋଗ କରିଥିଲେ।

# ଭାଷା ପ୍ରୀତି ଜାଗ୍ରତ ହେଉ

**ଖୋର୍ଦ୍ଧା ଅଫିସ,୧୧।୧୧**

ଖୋର୍ଦ୍ଧା ସହରର ଗୀତାଭବନ ସମ୍ମୁଖ ପଡିଆରେ ସପ୍ତମ ବାର୍ଷିକ ଖୋର୍ଦ୍ଧା ପୁସ୍ତକ ମେଳା ଚାଲିଛି । ଏହାର ୪ର୍ଥ ଦିବସ ରବିବାର ଅପରାହ୍ନ ଓ ରାତିରେ ଚିତ୍ରାଙ୍କନ, କୁଇଜ, ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା ଓ ୟାହୁ ଗ୍ରୁପ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଆମରିସତ୍ୟ ପକ୍ଷରୁ ଓଡ଼ିଆ ଭାଷା ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ସନ୍ଧ୍ୟାରେ ଅନୁଷ୍ଠିତ

**ପୁସ୍ତକମେଳାର ୪ର୍ଥ ସନ୍ଧ୍ୟା**

ହୋଇଥିଲା। ବ୍ୟାକରଣବିତ୍ ଓ ଶୁଦ୍ଧ ଲିଖନ ସମୀକ୍ଷକ ଜଟଣୀର ତ୍ରିଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାହିତ୍ୟ ସଂସଦ ସମ୍ପାଦକ ଧୀରେନ୍ଦ୍ର ନନ୍ଦ, ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାପାତ୍ର, ଭାଷା ସୁରକ୍ଷା ପରିଷଦ ଖୋର୍ଦ୍ଧାର ସଭାପତି ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ବିଭୂ ପ୍ରସାଦ ହରିଚନ୍ଦନ ଓ ଜବାହରଲାଲ ସୁବୁଦ୍ଧି, ବେଗୁନିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ଦାଶ, ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି ଓ ଓ ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବକ୍ତାମାନେ ଦର୍ଶାଇଥିଲେ ଭାଷା ପ୍ରୀତି ଜାଗ୍ରତ ହେଲେ ଓଡ଼ିଆ ଭାଷା ସୁରକ୍ଷିତ ହେବ। ସରକାରୀ ଭାଷା ଓ ଶାସ୍ତ୍ରୀୟ ମାନ୍ୟତା ସତ୍ତ୍ୱେ ପରିବର୍ତ୍ତନ ନାଁରେ ଓଡ଼ିଆ ଭାଷା ପ୍ରତି ହତାଦର ଚାଲିଛି। ଭାଷା ଆଇନ କାର୍ଯ୍ୟକାରିତା ହେବା ପରେ ମଧ ସରକାରୀ ବାବୁମାନେ ଇଂଲିଶ ମୋହ ଛାଡି ପାରୁନାହାନ୍ତି। ଭାଷା ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ନ ଥିବାରୁ ଲୋକଙ୍କ ମନରେ ଭାଷା ଆଇନର କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଓଡ଼ିଆ ଭାଷାକୁ ପୂର୍ବପରି ଅଣଦେଖା କରି ଇଂଲିଶରେ ଚିଠି ଓ ଅନ୍ୟାନ୍ୟ କାଗଜାତ ତିଆରି ଚାଲିଛି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ। ସେମାନଙ୍କ ଉପରେ ସରକାରଙ୍କ ନିର୍ଦ୍ଦେଶ କାଟୁ କରୁନାହିଁ। ଏଣୁ ଓଡ଼ିଆ ଭାଷାରେ ଓଡ଼ିଶା ଶାସନ ହେବାକୁ ହେଲେ ଦଳମତ ନିର୍ବିଶେଷରେ ସମସ୍ତେ ଏଥିପ୍ରତି ନଜର ଦେବାକୁ ପଡିବ। ସରକାରୀ ବାବୁମାନେ ଯଦି ସେମାନଙ୍କର ଅଭ୍ୟାସରେ ପରିବର୍ତ୍ତନ ନ ଆଣନ୍ତି ତେବେ ଆନ୍ଦୋଳନ ମାଧ୍ୟମରେ ସେମାନଙ୍କୁ କଡା ଜବାବ ଦିଆଯାଉ। ଦରକାର ପଡିଲେ ସରକାରଙ୍କୁ ମଧ କଇଫତ ମଗାଯାଉ। ଜଣେ ଓଡ଼ିଆ ହିସାବରେ ଏହି ସୁଯୋଗ ହାତଛଡା ନ କରି ସଦୁପଯୋଗରେ ଲଗାନ୍ତୁ। କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ଲାଗୁ ନ କଲେ ଭାଷା ବଞ୍ଚିବ ନାହିଁ। ପ୍ରଥମ ଶ୍ରେଣୀରେ ଇଂଲିଶ ପାଠ ପଢ଼ାଯାଉ। ଇଂଲିଶ ମିଡିୟମ ସ୍କୁଲରେ ଓଡ଼ିଆ ଭାଷା ପଢ଼ାଯିବା ବାଧ୍ୟତାମୂଳକ କରାଯାଉ ବୋଲି ମତପ୍ରକାଶ ପାଇଛି।



ପୁସ୍ତକମେଳାରେ ଅନୁଷ୍ଠିତ ଉତ୍ସବରେ ମଞ୍ଚାସୀନ ଅତିଥି।

## କଂଗ୍ରେସର କର୍ମୀ ସମ୍ମିଳନୀ

**ବୋଲଗଡ଼,୧୧।୧୧(ଡି.ଏନ.ଏ.)**

ବୋଲଗଡ ସ୍ଥିତ ମା' ଭୂଇଁୟାଣୀ ମନ୍ଦିର ନିକଟରେ ରବିବାର କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପିସିସି ମହିଳା ସମ୍ପାଦିକା ଜୟଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ପୂର୍ବତନ ଜିଲା ସଭାପତି ତାରା ପଟ୍ଟନାୟକ, ବ୍ଲକ୍ ସଭାପତି ଗଦାଧର ଚମ୍ପତି, ରମେଶ ପଟ୍ଟନାୟକ, ପୂର୍ବତନ ବ୍ଲକ୍ ସଭାପତି ପ୍ୟାରୀମୋହନ ଦାସ, ବ୍ଲକ୍ କୃଷକ ସଭାପତି ବନମାଳୀ ସେନାପତି, ସନ୍ତୋଷ କୁମାର ପ୍ରଧାନ, ଗଙ୍ଗାଧର ଦାଶ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ସମସ୍ତେ ଏକଜୁଟ ହେବାକୁ ସମ୍ପାଦିକା ଆହ୍ୱାନ ଦେଇଥିଲେ ।

## ପ୍ରଭାକର ମହାପାତ୍ର ମେମୋରିଆଲ ଫୁଟବଲ ଉଦ୍‌ଘାଟିତ

# କେରଙ୍ଗ ଅହମ୍ମଦିଆ ସ୍ପୋର୍ଟିଂ ବିଜୟୀ

**ଜଟଣୀ,୧୧।୧୧(ଡି.ଏନ.ଏ):** ଜଟଣୀ କୁଦିଆରୀ ଗ୍ରାମ ଖେଳପଡ଼ିଆରେ ପ୍ରଭାକର ମହାପାତ୍ର ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ମଦନପୁର ଫୁଟବଲ ଆସୋସିଏଶନ୍‌କୁ ୧-୦ ଗୋଲରେ ପରାସ୍ତ କରି ଖୋର୍ଦ୍ଧା କେରଙ୍ଗର ଅହମ୍ମଦିଆ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ରାମଚନ୍ଦ୍ର ମିଶ୍ର ରେଫ୍‌ରି ରହିଥିବା ବେଳେ ଏସ୍.କେ. ସ୍ୱାଇଁ ଓ ଶେଖ୍ ଅହମ୍ମଦ ଲାଇନ୍‌ରେ ସହାୟତା କରିଥିଲେ । କୁଦିଆରୀ ସ୍ପୋର୍ଟସ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଉଦଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପୂର୍ବତନ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ଅନ୍ନପୂର୍ଣ୍ଣା ସାହୁ, ପୂର୍ବତନ କାଉନ୍‌ସିଲର କୈଳାସ ମହାପାତ୍ର, ବିଜୟ ପଣ୍ଡା, ସାମାଜିକ କର୍ମୀ ଶଶାଙ୍କ ଶେଖର ରାୟ, ଅନନ୍ତ ପାଟଶାଣୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ସଙ୍ଗଠନର ନରେନ୍ଦ୍ର ପ୍ରଧାନ, ସୁକାନ୍ତ ସାହୁ, ପ୍ରଦୀପ କୁମାର ସୁନ୍ଦରାୟ ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା।

ଧରିତ୍ରୀ
DHARITRI



# ବନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଂଘ ଶ୍ରୀକ୍ଷେତ୍ର ଜୋନର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟ ପ୍ରାଣୀ ହାତୀ ମୃତ୍ୟୁ ଓ ଜାତୀୟ ପଶୁ ବାଘ ମୃତ୍ୟୁ ଘଟଣାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ଢେଙ୍କାନାଳଠାରେ ବିଦ୍ୟୁତାର ସଂସ୍ପର୍ଶରେ ୭ ହାତୀଙ୍କ ମୃତ୍ୟୁ, ଦେବ୍ରିଗଡ଼ଠାରେ ବାଘ ମୃତ୍ୟୁ ଓ ଦେବଗଡ଼ ଡିଭିଜନ୍‌ରେ ହାତୀ ମୃତ୍ୟୁ ଘଟଣାର ପ୍ରକୃତ ଅନୁସନ୍ଧାନ କରା ନ ଯାଇ ବନରକ୍ଷୀ ଓ ବନପାଳଙ୍କୁ ନିଲମ୍ବନ କରିବା ଘଟଣାକୁ ସଂଘ ବିରୋଧ କରିଛି। ଏହାଦ୍ୱାରା ବନରକ୍ଷୀ ଓ ବନପାଳଙ୍କ ମନୋବଳ ହ୍ରାସ ହେବା ସହ କାର୍ଯ୍ୟ କରିବାକୁ ନିରୁତ୍ସାହିତ ହେଉଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ବନ୍ୟଜନ୍ତୁଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସଂଘ ପକ୍ଷରୁ ଗତ ୪ ତାରିଖରେ ସରକାରଙ୍କୁ ଦିଆଯାଇଥିବା ସମସ୍ତ ପ୍ରସ୍ତାବକୁ ଶ୍ରୀକ୍ଷେତ୍ର ଜୋନ ସମର୍ଥନ କରିଛି। ଆସନ୍ତା ଡିସେମ୍ବର ୭ ସୁଦ୍ଧା ଦାବି ସମ୍ପର୍କରେ ସରକାର କୌଣସି ପଦକ୍ଷେପ ନ ନେଲେ ଶ୍ରୀକ୍ଷେତ୍ର ଜୋନ୍‌ର ସମସ୍ତ ସଦସ୍ୟ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଡିସେମ୍ବର ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରାଯିବ। ୧୭ତାରିଖରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବୈଠକରେ ଶ୍ରୀକ୍ଷେତ୍ର ଜୋନ ସମ୍ପାଦକ ନିରଞ୍ଜନ ମହାପାତ୍ର, ସଭାପତି ବିରଜା ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଡିସେମ୍ବର ୧୫ରୁ ଏକାମ୍ର ପୁସ୍ତକ ମହୋତ୍ସବ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ): ଆସନ୍ତା ଡିସେମ୍ବର ୧୫ରୁ ଡମଣା ଛକସ୍ଥିତ ଦୁର୍ଗାପୂଜା ପଡ଼ିଆରେ ଏକାମ୍ର ପୁସ୍ତକ ମହୋତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷର ମୁଖ୍ୟ ଆଭିମୁଖ୍ୟ ହେବ 'ସମ୍ପର୍କର ପରିଭାଷା'। ମହାତ୍ମା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ସାହିତ୍ୟିକ ଚନ୍ଦ୍ରଶେଖର ରଥ ଓ ଗୀତିକାର ଅକ୍ଷୟ ମହାନ୍ତିଙ୍କ ଉପରେ ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାନ ପାଇବ। ପ୍ରତିଦିନ ସନ୍ଧ୍ୟାରେ ଧର୍ମ, ବିଜ୍ଞାନ, ଶିଶୁ ସାହିତ୍ୟ, ବ୍ୟଙ୍ଗ ଆଦି ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ପ୍ରତିବର୍ଷ ଭଳି ଏଥର ମଧ୍ୟ କବି ପ୍ରସାଦ ସମ୍ମାନ, ଗନ୍ତାୟତ ଶିବ ପ୍ରସାଦ ବ୍ୟଙ୍ଗ ସାହିତ୍ୟ ସମ୍ମାନ ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯିବ। ତେବେ ଚଳିତବର୍ଷ ଏହି ପୁସ୍ତକ ମେଳା ମଞ୍ଚକୁ ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ନାମରେ ନାମିତ କରାଯିବ ବୋଲି ମେଳା କମିଟି ପକ୍ଷରୁ ସଭାପତି ପୀତବାସ ରାଉତରାୟ, ସମ୍ପାଦକ ଭାସ୍କର ଜେନା ସୂଚନା ଦେଇଛନ୍ତି। ଏହି ମେଳା ଡିସେମ୍ବର ୧୫ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ